## ସଂକ୍ଷେପରେ

### ସୁଭାଷ ଚନ୍ଦ୍ର ବୋଷ, ସୁରେନ୍ଦ୍ର ସାଏ ଜୟନ୍ତୀ

ସିନାପାଲି,୨୩।୧(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସାରଙ୍ଗପାଣି ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଏହି ୨ ଜନନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହା ପରେ ଶିକ୍ଷକ ଶିବପ୍ରସାଦ ମେହେର, ବୈଷ୍ଣବ ମେହେର, ଶିକ୍ଷୟିତ୍ରୀ ମମିତା ପଟ୍ଟଯୋଷୀ ଉଭୟ ମହାପୁରୁଷଙ୍କ ଜୀବନୀ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଶିକ୍ଷକ କିଶୋର ମେହେର ଧନ୍ୟବାଦ ଦେଇଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୨୩।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡରାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗାୟତ୍ରୀ ନଗରଠାରେ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆସନ୍ତା ମାର୍ଚ୍ଚ ୨୪ ଓ ୨୫ ୨ ଦିନବ୍ୟାପୀ ନାମ ସଂକୀର୍ତ୍ତନ କରିବା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉକ୍ତ ନାମଯଜ୍ଞ କମିଟି ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ଓ କୋଷାଧ୍ୟକ୍ଷ ରୂପେ ଯଥାକ୍ରମେ ଶିଶିର ପାଣିଗ୍ରାହୀ, ମନିଷ ତିୱାରୀ, ପ୍ରମୋଦ ନାଏକ, ଧନଞ୍ଜୟ ବୈଠାରୁ ଓ ସଞ୍ଜୟ ଯୋଷୀ ମନୋନୀତ ହୋଇଥିଲେ। ଯଜ୍ଞ କର୍ତ୍ତା ରୂପେ ଉପେନ୍ଦ୍ର ପାଣିଗ୍ରାହୀ ଦମ୍ପତି କାର୍ଯ୍ୟ ନିର୍ବାହ କରିବାକୁ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଗାୟତ୍ରୀ ନଗର ପଡ଼ାର ଶତାଧିକ ବ୍ୟକ୍ତି ଏବଂ ଶ୍ରଦ୍ଧାଳୁ ଉପସ୍ଥିତ ରହି ଷୋହଳ ପ୍ରହର ନାମଯଜ୍ଞ ସଫଳ ରୂପାୟନ ପାଇଁ ପ୍ରସ୍ତାବ ଦେଇଥିଲେ। ସଭ୍ୟ ହେମସାଗର ଚାନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

କୋକସରା,୨୩।୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଦ୍ୱାରା ଜାତୀୟ ଶିଶୁ କନ୍ୟା ଦିବସ ପାଳନ କରାଯାଇଛି। ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତୋଫାନ ମାଝି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗଙ୍କ ମଧ୍ୟରେ ବଭିନ୍ନ ପ୍ରତିଯୋଗିତାରେ କୃତୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନେ ଜିଲାସ୍ତରୀୟ ହେବାକୁ ଥିବା ପ୍ରତିଯୋଗିତାରେରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଢ଼ହଗାଁ ସିଆରସିସି ଜତୀନ୍ଦ୍ର ମୋହନ ସାହୁ, ଟେମରା ସିଆରସିସି ସଞ୍ଜୟ ପୂଝାରୀ, ଡାଲଗୁମା ସିଆରସିସି ଈଶ୍ୱର ନାଏକ ଓ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ। ସିଆରସିସି ଅଜୟ କୁମାର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକଙ୍କୁ ସହାୟତା

ନୂଆପଡ଼ା,୨୩।୧(ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ସୁନାପୁର୍ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କ ନେତୃତ୍ୱରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ଓ ଏମ୍‌ପିଙ୍କ ପ୍ରତିନିଧି ଶ୍ରମିକ ନେତା ଯଦୁମଣି ପାଣଗ୍ରାହୀ ସମ୍ମାନିତ ଅତିଥି ଭାବେ ସାମିଲ ହୋଇଥିଲେ। ବୋଡ଼େନ ବ୍ଲକ ଉପାଧ୍ୟକ୍ଷା ସଂଗୀତା ମାଝି, ସୁନାପୁର ସରପଞ୍ଚ ମୁକ୍ତା ରାଉତ, ଜିଲାର ବିଭିନ୍ନ ଟ୍ରେଡ ୟୁନୀୟନ ନେତୃମଣ୍ଡଳୀ ଶୁକ୍ଳାମ୍ବର୍ ନିଆଲ, ଭକ୍ତବନ୍ଧୁ ଧରୁଆ, ଅନିରୁଦ୍ଧ ନାଗ, ଜ୍ଞାନରଞ୍ଜନ ସାହୁ, ସୁଖ ଦେବ ସାହୁ, ବାବୁଲାଲ ମାଝି, ପରମାନନ୍ଦ ହଂସ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ହୋଇଥିଲେ। ଶିକ୍ଷା ସହାୟତା ୫ଜଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଛାତ୍ରଙ୍କ ୬୬,୪୦୦, ବିବାହ ସହାୟତା ୨୬୩ଜଣଙ୍କ ୧ କୋଟି ଏକ ତିରିଶ ଲକ୍ଷ, ପ୍ରସବ କାଳୀନ ସହାୟତା ଅଠର ଜଣଙ୍କ ୧ ଲକ୍ଷ ଅଶି ହଜାର, ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବାସଠି ଜନଙ୍କ ତିନି ଲକ୍ଷ ଦଶ ହଜାର, ମୃତ୍ୟୁକାଳୀନ ସହାୟତା ବୟାଅଶି ଜଣଙ୍କ ୧ କୋଟି ଚଉଷଠି ଲକ୍ଷ ଟଙ୍କା ମିଶାଇ ସମୁଦାୟ ୩ କୋଟି ଛପନ ହଜାର ଚାରିଶହ ଟଙ୍କାର ସହାୟତା ବିଭିନ୍ନ ହିତାଧିକାରୀମାନଙ୍କୁ ଚେକ ମାଧ୍ୟମରେ ଦିଆଯାଇଥିଲା। ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖକୁ ପହଞ୍ଚିବାରେ ଟ୍ରେଡ୍‌ୟୁନିୟନମାନେ ଗୁରୁପୂର୍ଣ୍ଣ କାମ କରିଛନ୍ତି। ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ମୁଁ ସଦା ଯତ୍ନବାନ ଅଛି ଓ ମୋ ପାଖକୁ ଯେତେ ବେଳେ ବି ଯିଏ ଦାବି କରିଛି ସମସ୍ୟା ସମାଧାନ ପାଇଁ ସମସ୍ତ ଉଦ୍ୟମ କରିଛି ବୋଲି ମୁଖ୍ୟଅତିଥି କହିଥିଲେ। ଶ୍ରମିକ ନେତା ପାଣିଗ୍ରାହୀ ଯାହାବି ସମସ୍ୟା ମିଟିଂରେ ଦାବି କରିଛନ୍ତି ଆଗାମୀ ବିଧାନସଭାରେ ଉଥାପନ କରିବି ଓ ସାମାଧନ ପାଇଁ ପୁରା ପ୍ରୟାସ କରିବି ବୋଲି ସେ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲାରେ ଫେଲ ମାରିଛି କହି କ୍ଷୋଭ ପ୍ରକାଶ କରିଥିଲେ। ଶ୍ରମିକ ନେତା ଚୈତନ୍ୟ ତାଣ୍ଡି, ଦିଗାମ୍ବର ମାଝି, ଯଯାତି ମେହେର, ଟିକେଲାଲ ମାଝି, ଶ୍ରୀନିବାସ ବେହେରା, ଦେବସିଂ ମାଝି, ବଳଧର କେତକୀ, ଗଦାଧର ବେହେରା, ଦେବସାଗର ନାଗ, ହେମସାଗର ମାଝି, ଟିକେ ଚନ୍ଦ୍ର ବାଗ, ରାଜ କୁମାର ରାଉତଙ୍କ ସମେତ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ସାମିଲ ହୋଇଥିଲେ। ସହ ଶ୍ରମ ଅଧିକାରୀ ମେରିଶ୍ମିତା ଲାକ୍ରା, ଗ୍ରାମୀଣ ଶ୍ରମ ନିରୀକ୍ଷକ ଜୟନ୍ତ ପଣ୍ଡା, ସୁବ୍ରତ ସିଂହ, ଜୁଏଲ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଇଣ୍ଟର୍ ସ୍କୁଲ ଚିତ୍ର ପ୍ରତିଯୋଗିତା




ଚିତ୍ର ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଭବାନୀପାଟଣା,୨୩।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ବାର୍ଷିକୀରେ ପରାକ୍ରମ ଦିବସ ସମେତ ଏକ ଇଣ୍ଟର୍ ସ୍କୁଲ ଚିତ୍ର ପ୍ରତିଯୋଗିତା (ପରୀକ୍ଷା ପେ ଚର୍ଚ୍ଚା) ଆୟୋଜିତ ହୋଇଥିଲା। ଅତିଥି ଭାବେ ଆଚାର୍ଯ୍ୟ ଭୀମସେନ ପଣ୍ଡା ଓ ଡକ୍ଟର ସୀମାଞ୍ଚଳ ମିଶ୍ର ଅବସରପ୍ରାପ୍ତ ପ୍ରଫେସର ଅର୍ଥନୀତି କାର୍ଯ୍ୟକ୍ରମ ଉଦ୍‌ଘାଟିତ କରିଥିଲେ। ଛାତ୍ରମାନଙ୍କ ଦ୍ୱାରା ପରାକ୍ରମ ଦିବସର ଏକ ସ୍ୱାଗତ ଗୀତ ଓ ଭାଷଣ ପ୍ରଦାନ କରାଯାଇଥିଲା। ନେତାଜୀ ପରି ପୋଷାକ ପିନ୍ଧିଥିବା ମାଷ୍ଟର ଆଦିତ୍ୟ ପଣ୍ଡା ଥିଲେ କାର୍ଯ୍ୟକ୍ରମର ସବୁଠାରୁ ଆକର୍ଷଣୀୟ। ପରେ ସ୍କୁଲ ଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଠିରର ୧୭ ସିବିଏସଇ ଅନୁବନ୍ଧିତ ବିଦ୍ୟାଳୟ ଉଭୟ ସରକାରୀ ଓ ବେସରକାରୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଷୟଗୁଡିକରେ ଚନ୍ଦ୍ରୟାନ, ଭାରତର କ୍ରୀଡା ସଫଳତା, ପରୀକ୍ଷା କିପରି ଜୀବନର ଜଡ଼ିତ ହୋଇପାରିବ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲିଖିତ ପରୀକ୍ଷା ୱାରିୟର୍ସ ପୁସ୍ତକ ସହିତ ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାର ଶ୍ରେଷ୍ଠ ୫ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ୱାରିୟର୍ସ ପୁସ୍ତକ ଓ ମୁଦ୍ରିତ ପ୍ରମାଣପତ୍ର ସହିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

## ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଦ୍ୟାଳୟ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

କୋକସରା,୨୩।୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ କମିଟି ସଭାପତି ଉମା ଶଙ୍କର ଦୀପଙ୍କ ସଭାପତିତ୍ୱରେ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୟପାଟଣା ବ୍ଲକ ଉପାଧ୍ୟକ୍ଷା ଜାନକୀ ବାଣୁଆ, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମି ଦ୍ୱାରା ଯୁବ ଗାଳ୍ପିକ ପୁରସ୍କାରପ୍ରାପ୍ତ ଡିଲେଶ୍ୱର ରଣା, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଐଶ୍ୱର୍ଯ୍ୟ କୁମାର ଦାସ, ଗୋଷ୍ଠି ସାଧନ କେନ୍ଦ୍ର ସଂଯୋଜକ ଟିକେଚନ୍ଦ୍ର ମାଝି, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମୋହନ ଯୋଷୀ, ସ୍ଥାନୀୟ ପରମାନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମୁଣ୍ଡ, ଖଲିଆଭଟା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରମାକାନ୍ତ ମାଝି ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଥମ ଅଧିବେଶନ ପରେ ଧର୍ମଗଡ ଉପ ଜିଲାପାଳ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଶନାଥ ରାଉତଙ୍କ ଦ୍ୱାରା ଲାଇବ୍ରେରୀ ପୁସ୍ତକ ଅଷ୍ଟମ ଶ୍ରେଣୀ ପ୍ରକୋଷ୍ଠରେ ଉନ୍ମୋଚିତ ହୋଇଥିଲା। ଉଦଯାପିତ ସନ୍ଧ୍ୟାରେ ମୀନା ମଞ୍ଚରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ମଧୁସ୍ମିତା ସାହୁ ସଭାନେତ୍ରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡ଼. ସଞ୍ଜୟ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବଜିନ୍ଦ୍ର କୁମାର ପାଢୀଯୋଷୀ, ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଶଷଦେବ ବେହେରା, ଜୟପାଟଣା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ପଟେଲ, ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ ଓ ଟିକେଚନ୍ଦ୍ର ମାଝି ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକ ବିବରଣୀ ପାଠ କରିଥିଲେ। ରେଙ୍ଗାଲପାଲି ୟୁପି ସ୍କୁଲ ଶୈକ୍ଷିକ ବାତାବରଣ ଓ ପରିବେଶ ଜିଲା ପାଇଁ ଏକ ରୋଲ ମଡେଲ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରିୟଙ୍କା ଶୁକ୍ଳା, ଶୁଭେନ୍ଦୁ ପଣ୍ଡା, ପ୍ରଦୀପ ସରାବୁ, ନବ କିଶୋର ନାଏକ ଓ ଚିତ୍ତରଞ୍ଜନ ଦଳପତି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅନନ୍ତ ନାରାୟଣ ପଣ୍ଡା ସଭା ପରିଚାଳନା କରିଥିଲେ। ଅଶ୍ୱିନ କୁମାର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କୋକସରାରେ ଖୋଲିବ ଅବକାରୀ ଥାନା

**ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବ ପାରିତ**

କୋକସରା,୨୩।୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ନୂତନ ଅବକାରୀ ଥାନା ଖୋଲିବ। ଏ ନେଇ ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବ ପାରିତ ହୋଇଥିବା ସୂଚନା ମିଳିଛି। କଳାହାଣ୍ଡି ଜିଲାର ଶେଷ ସୀମାରେ କୋକସରା ବ୍ଲକର ପରିସୀମା ଧର୍ମଗଡ଼, ଜୟପାଟଣା, ନବରଙ୍ଗପୁର ଓ ଛତିଶଗଡ଼ ରାଜ୍ୟ ସହ ଲାଗି ରହିଛି। ପୂର୍ବରୁ ଜୟପାଟଣାରେ ଅବକାରୀ ଥାନା ରହିଥିବା ବେଳେ ଏହି ଥାନାର ଅଧୀନରେ ଜୟପାଟଣା ଓ କୋକସରା ବ୍ଲକର ୪୪ ପଞ୍ଚାୟତ ରହିଛି। ଜାତୀୟ ରାଜପଥ ୨୬ ଓ ବିଜୁ ଏକ୍ସପ୍ରେସ ୱେ କୋକସରା ବ୍ଲକ ଦେଇ ଯାଇଥିବା ବେଳେ ମାଲକାନଗିରି, କୋରାପୁଟ ଦେଇ ଗଞ୍ଜେଇ, ମଦ, ନିଶା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଆସୁଥିଲା। ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ଅନେକ ସମୟରେ ରାସ୍ତା ଦେଇ ଯାଉଥିବା ଗାଡି ମୋଟରରୁ ଚୋରା ଚାଲାଣ ହେଉଥିବା ଗଞ୍ଜେଇ, ମଦ ଜବତ କରାଯାଇଛି। କୋକସରା ବ୍ଲକରେ ଆମପାଣି ଓ କୋକସରା ୨ଟି ଥାନା ରହିଥିବା ବେଳେ ଅବାଧ ନିଶା କାରବାର ରୋକିବାକୁ ଅବକାରୀ ଥାନା ଖୋଲିବାକୁ ଦାବି ହୋଇ ଆସୁଥିଲା। ରାଜ୍ୟ କ୍ୟାବିନେଟରେ କୋକସରାରେ ଅବକାରୀ ଥାନା ଖୋଲିବା ନେଇ ମଞ୍ଜୁରୀ ମିଳିବା ପରେ ଆଗାମୀ ଦିନରେ ନିଶା କାରବାର ଉପରେ ରୋକ ଲାଗିବା ନେଇ ଜନସାଧାରଣ ଆଶାବ୍ୟକ୍ତ ରଖିଛନ୍ତି।

## ଗାଁର ଅର୍ଥନୀତି, ସାମାଜିକ ବିକାଶରେ ଦେଶର ବିକାଶ ହେବ



ଅନୁଷ୍ଠିତ ଗ୍ରାମୀଣ ସଚେତନତା ସମାବେଶ।

**ଗ୍ରାମୀଣ ସଚେତନତା ସମାବେଶ**

ଜୁନାଗଡ଼,୨୩।୧(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡାଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ଓ ମୁଣ୍ଡରାଗୁଡା ଗ୍ରାମପଞ୍ଚାୟତସ୍ତରୀୟ ସଂଘର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଗ୍ରାମୀଣ ସଚେତନତା ସମାବେଶ ଆୟୋଜିତ ହୋଇଯାଇଛି। ଜିପିଏଲଏଫ ସଭାନେତ୍ରୀ ଅଞ୍ଜଳି ମୁଣ୍ଡଙ୍କ ସଭାପତିତ୍ୱରେ ଶାନ୍ତନୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ମାରୱାଡି ମହିଳା ସମିତି ସଭାନେତ୍ରୀ କାନ୍ତା ମିତ୍ତଲ, ସାମାଜିକ କର୍ମୀ ଚିନ୍ମୟ ବେହେରା, ଯୁବ ସଂଗଠକ ପ୍ରଭାତ ଦାସ, କ୍ଷମାଶୀଳା ଛତ୍ରିଆ, ଜୟସେନ ନାଏକ, ଶିକ୍ଷାବିତ ଧିରେନ୍ଦ୍ର ମେହେର, ପ୍ରବୀଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଗାଁର ଅର୍ଥନୀତି ଓ ସାମାଜିକ ବିକାଶରେ ଦେଶର ବିକାଶ ହେବ ବୋଲି ଅତିଥିମାନେ ମତପ୍ରକାଶ କରିବା ସହ ନେତାଜୀଙ୍କ ତ୍ୟାଗପୁତ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନ ସମ୍ପାଦକ ଅବିନାଶ ମୁଣ୍ଡ ସ୍ୱାବଲମ୍ବୀ, ସ୍ୱରୋଜଗାର ଓ ମହିଳା ସଶକ୍ତିକରଣ ସମ୍ବନ୍ଧରେ ସମବେତ ସମାବେଶ ସଚେତନ କରିଥିଲେ। ସସ୍ମିତା ନାଏକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋଷ୍ଠୀ ସହାୟିକା ପଦ୍ମାବତୀ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମାରୱାଡି ମହିଳା ସମିତି ସଦସ୍ୟା ଓ ଜିପିଏଲଏଫ କର୍ମୀମାନେ ଅଂଶ ଗ୍ରହଣ କରିଥିଲେ। ସଞ୍ଜୟ କୁମାର ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି କଂଗ୍ରେସରେ ମିଶିବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି

ଭବାନୀପାଟଣା,୨୩।୧(ଉତ୍ତମ କୁମାର ଦାଶ)

- ଖବରଦାତା ସମ୍ମିଳନୀରେ ଦେଲେ ସୂଚନା
- ୮ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିଲେ

କଳାହାଣ୍ଡି ଜିଲାର ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ବଳଭଦ୍ର ମାଝି ବୁଧବାର କଂଗ୍ରେସରେ ସାମିଲ ହେବେ। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ବୁଧବାର ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା ଉପଲକ୍ଷେ 'ହୁଙ୍କାର ଜନ ସଭା' ଅନୁଷ୍ଠିତ ହେବ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ସାମିଲ ହେବେ। ପ୍ରକାଶ ଯେ, ଗତ ୮ ତାରିଖ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଥିଲେ। ଦଳରେ ଅବହେଳା ଅଭିଯୋଗ କରି ବିଜେଡି ରାଜ୍ୟ ସଭାପତିଙ୍କୁ ଏହି ଇସ୍ତଫା ପତ୍ର ପଠାଇଥିଲେ। ୧୯୯୭ଠାରୁ ସେ ବିଜେଡିରେ ରହିଥିଲେ। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରୁ ସେ ୪ ଥର ଓ ନର୍ଲା ନିର୍ବାଚନ ମଣ୍ଡଳୀରୁ ଥରେ ବିଧାୟକ ରହିବା ସହ ୨ ଥର ମନ୍ତ୍ରୀ ହୋଇଥିଲେ। ସେହିପରି ବିଜେଡିର ଜିଲା ସଭାପତି ମଧ ଦାୟିତ୍ୱ ତୁଲାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳ ତାଙ୍କ ଟିକେଟ କାଟି କଂଗ୍ରେସରୁ ଆସିଥିବା ପ୍ରଦୀପ ଦିଶାରୀଙ୍କୁ ଦଳ ଟିକେଟ ଦେଇଥିଲା। ଏହାକୁ ନେଇ ତାଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ଏହା ସତ୍ତ୍ୱେ ବି ବିଜେଡିର ଅନେକ କାର୍ଯ୍ୟକ୍ରମରେ ସେ ଯୋଗଦେଉଥିବାବେଳେ ସେଠାରେ ମଧ ତାଙ୍କୁ ଅଣଦେଖା କରାଯାଇଥିବାରୁ ସେ ଦଳ ଛାଡ଼ିବା ପାଇଁ ବାଧ ହୋଇଥିବା କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଭାରତ ଭୂଷଣ ବେମାଲ ଓ କନ୍ଧମାଳ ପୂର୍ବତନ ଏମ୍‌ପି ନକୁଳ ନାଏକ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବଳଭଦ୍ର ମାଝି ସୂଚନା ଦେଉଛନ୍ତି।

## ଭାଷା, ସାହିତ୍ୟ ଓ ସର୍ଜନଶୀଳତା କାର୍ଯ୍ୟକ୍ରମ



ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ସିନାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମ।

ଖଡ଼ିଆଳ,୨୩।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସର୍ଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସତୀଶ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ନବୀନ କିଶୋର ପାଢ଼ୀ, ବିଶିଷ୍ଟ ଅତିଥି ଭାବରେ ନାଟ୍ୟକାର ତଥା ବିଦ୍ୟାଳୟ ଆଲୁମିନି କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ରାଟ ପାତ୍ର ଯୋଗଦେଇ ଭାଷା, ସାହିତ୍ୟ ତଥା ସର୍ଜନଶୀଳତାର ବିକାଶ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା କ୍ଲବ ମଧ୍ୟରେ କୁଇଜ ପ୍ରତିଯୋଗିତା ପରିଚାଳନା ସହିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଗୌରୀ ଶଙ୍କର ଦୁବେ ଭାଷା ସାହିତ୍ୟ ସଂପର୍କରେ ଆଲୋଚନା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସାହିତ୍ୟ ସୃଜନୀ କ୍ଲବ ନେତୃତ୍ୱରେ ମୋ କଥା ମୋ କାହାଣୀ ପୁସ୍ତକ ପ୍ରଦର୍ଶନୀ, ପ୍ରାଚୀର ପତ୍ରିକା ପ୍ରଦର୍ଶନ, ପୁସ୍ତକ ସମୀକ୍ଷା ପ୍ରଦର୍ଶନ ଓ ଗଳ୍ପ ପାଠ ତଥା କବିତା ଆବୃତ୍ତି, କୌଶଳୀ କ୍ଲବ ନେତୃତ୍ୱରେ ସ୍କ୍ରାଚ ପ୍ରକଳ୍ପ ପ୍ରଦର୍ଶନ, ଜିଜ୍ଞାସା କ୍ଲବ ନେତୃତ୍ୱରେ ବିଜ୍ଞାନ ମଡେଲ ତଥା ପ୍ରକଳ୍ପ ପ୍ରଦର୍ଶନ ଏବଂ କ୍ରୀଡ଼ାଙ୍ଗନ କ୍ଲବ ନେତୃତ୍ୱରେ ଜୀବନ କୌଶଳ ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ସିସି ପ୍ରଶାନ୍ତ କୁମାର ସାହୁ, ଶିକ୍ଷକ ରତନ ସିଂ ବାରିକ, ପ୍ରଶାନ୍ତ କୁମାର ପଣ୍ଡା, ପ୍ରଭୁଦତ୍ତ ପୁରୋହିତ, ଶ୍ୟାମ ନାରାୟଣ ମୁଣ୍ଡ, ନୀଳିମା ରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ସାଗର ବାଗ, ନିରଞ୍ଜନ ବିଶ୍ୱାଳ, ଧନଞ୍ଜୟ ମଲ୍ଲିକ, ଗଜେନ୍ଦ୍ର ହରିଜନ, ପ୍ରତୀକ୍ଷା ରାଣୀ ମେହେର, ପୁନମ ମାଝି, ମହମ୍ମଦ କଲାମ, ପୁଷ୍ପାଞ୍ଜଳି ମହାପାତ୍ର, ସରସ୍ୱତୀ ରାଉତ, ସଚିନ ବାଗ, ଆଲୁମିନି ଭୋଲେନଟିଅର୍ ଆଦିତ୍ୟ ନାରାୟଣ ପଣ୍ଡା, ଚତୁର୍ଭୁଜ ସିଂହ ଦେଓ ପ୍ରମୁଖ ଉପସ୍ଥିତଥିଲେ। ଦୀପକ ରଞ୍ଜନ ଯୋଷୀ, ଅଶ୍ୱିନୀ ପଟ୍ଟନାୟକ, ଦମୟନ୍ତୀ ବିଶି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯାଇଥିଲା ।

ସିନାପାଲି,(ମନଫୁଲ ମେହେର): ସିନାପାଲି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ପଶ୍ଚିମ ଓ ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟା ମନ୍ଦାକିନୀ ବଘେଲ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ତହସିଲଦାର ହଦାନନ୍ଦ ମାଝି, ଅଜିତ ଯୋଷୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ବେଷ୍ଟ ହାଉସ ଭାବରେ ସାହିତ୍ୟ ସୃଜନୀକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶିକ୍ଷକ ମହେଶ କୁମାର ମେହେର ଧନ୍ୟବାଦ ଦେଇଥିଲେ।

## ଆଜିର କାର୍ଯ୍ୟକ୍ରମ

**୨୪।୧।୨୦୨୪ (ବୁଧବାର)**
**ମଥୁରାନଗରୀ**

କଂସ ମହାରାଜଙ୍କ ଦିଗ୍‌ବିଜୟ, କୃଷ୍ଣ ବଳରାମଙ୍କୁ ହତ୍ୟା ପାଇଁ କଂସଙ୍କ ଯୋଜନା ପ୍ରସ୍ତୁତି, କଂସର ଛାୟା, କଂସର ସ୍ୱପ୍ନ, କୃଷ୍ଣ ବଳରାମଙ୍କ ସୁଦାମା ମାଳି ଓ ରଜକଙ୍କ ସହ ସାକ୍ଷାତ, ଉପଜିଲାପାଳଙ୍କ ଭବନରେ କୃଷ୍ଣ ବଳରାମଙ୍କ ପୂଜାର୍ଚ୍ଚନା, କାଳୀ ମନ୍ଦିରରେ କୁବୁଜା ଉଦ୍ଧାର, କୃଷ୍ଣ ବଳରାମଙ୍କ ନଗର ଭ୍ରମଣ ଏବଂ ବୃନ୍ଦାବନ ଗୃହରେ ବିଶ୍ରାମ ।

# ମୁନିଋଷିଙ୍କ ଉପରେ କଂସଙ୍କ ଅତ୍ୟାଚାର

ମଥୁରାନଗରୀ,୨୩।୧(ପ୍ରେମାନନ୍ଦ ଖମାରୀ)

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ନବମ ଦିବସ ମଙ୍ଗଳବାର ଶ୍ରୀକୃଷ୍ଣ, ବଳରାମଙ୍କ ଧରି ଅକ୍ରୁର ନନ୍ଦଭବନରୁ ବାହାରିଥିଲେ। ନନ୍ଦରାଜା ବେନିଭାଇଙ୍କ ଶୁଭ ମନାସୀ ଥିଲେ। ଶ୍ରୀକୃଷ୍ଣ, ବଳରାମ ଗୋପ ପରିକ୍ରମା କରି ଗୋପ ମଣ୍ଡପରେ ପହଞ୍ଚିଥିଲେ। ଗୋପପୁର ପରିକ୍ରମା ସମୟରେ ପ୍ରତିଘର ସମ୍ମୁଖରେ ଜଳପୂର୍ଣ୍ଣ କଳସ ସ୍ଥାପନ କରି ଅକ୍ରୁରଙ୍କ ସହିତ ବେନିଭାଇଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଗୋପପୁର ଦୃଶ୍ୟାଭିନୟରେ ଅକ୍ରୁର ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଧରି ମଥୁରା ନେବାକୁ ନନ୍ଦରାଣୀ, ନନ୍ଦରାଜାଙ୍କୁ କହିଥିଲେ। ମାତ୍ର ନନ୍ଦରାଣୀ, ନନ୍ଦରାଜା ମନା କରିଥିଲେ । ତେବେ ଧନୁଯାତ୍ରା ସାରି ୪ଦିନ ପରେ ମଥୁରାକୁ ଫେରି ଆସିବେ ବୋଲି ଶ୍ରୀକୃଷ୍ଣ ନନ୍ଦରାଣୀ ଏବଂ ନନ୍ଦରାଜାଙ୍କୁ ବୁଝାଇଥିଲେ। ଶେଷରେ ନନ୍ଦରାଣୀ, ନନ୍ଦରାଜା ବେନିଭାଇଙ୍କ ବାଟ ଓଗାଳିଥିଲେ। ଶ୍ରୀକୃଷ୍ଣଙ୍କୁ ମେଲାଣୀ ଦେବାବେଳେ ନନ୍ଦରାଣୀ, ନନ୍ଦରାଜାଙ୍କ ସମେତ ଗୋପବାସୀ ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେହିପରି ଶ୍ରୀକୃଷ୍ଣଙ୍କ ବିରହରେ ରାଧା ପଥରୋଧ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବେନିଭାଇ ଗୋପପୁର ଛାଡ଼ିବା ପରେ ଗୋପୀ, ଗୋପାଙ୍ଗନା, ଗୋପାଳ ବାଳକମାନେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଅନ୍ୟପଟେ ଶ୍ରୀକୃଷ୍ଣ, ବଳରାମ ମଥୁରାରେ ପ୍ରବେଶ କରି ଖଜୁରଟିକ୍ରା ଆଦିମାତା ମନ୍ଦିରରେ ବିଶ୍ରାମ ନେଇଥିଲେ। ସେହିପରି କଂସ ମହାରାଜ ରାଜମହଲରୁ ନିଜ ପାତ୍ର, ମନ୍ତ୍ରୀ, ସୈନ୍ୟ, ସାମନ୍ତଙ୍କ ସହିତ ମଥୁରା ଭ୍ରମଣରେ ବାହାରିଥିଲେ। ସେ ଆମ୍ରବନ(ଗୋବିନ୍ଦପୁର ହନୁମାନ ମନ୍ଦିର ପ୍ରାଙ୍ଗଣ)ରେ ପହଞ୍ଚି ତପସ୍ୟାରତ ମୁନିଋଷିଙ୍କ ଉପରେ ଅତ୍ୟାଚାର କରିଥିଲେ। ଆରାଧନାରତ ମୁନିଋଷିଙ୍କ ଯଜ୍ଞ ମଣ୍ଡପ କଂସ ମହାରାଜ ଏବଂ ସୈନ୍ୟ ସାମନ୍ତ ଭାଙ୍ଗି ଦେଇଥିଲେ। ମୁନିଋଷିଙ୍କୁ ଚାବୁକରେ ପ୍ରହାର କରିବା ସହିତ କଂସଙ୍କ ଆଦେଶକ୍ରମେ ସୈନ୍ୟ, ସାମନ୍ତ ମୁନିଋଷିଙ୍କୁ କାରାଗାରରେ ବନ୍ଦୀ ରଖିଥିଲେ। ଅନ୍ୟାୟ, ଅତ୍ୟାଚାରରୁ ନିବୃତ୍ତ ରହିବା ପାଇଁ ମୁନିଋଷିମାନେ କଂସଙ୍କୁ ପରାମର୍ଶ ଦେଇଥିଲେ। ହେଲେ କଂସ ଆହୁରି କ୍ରୋଧାନ୍ୱିତ ହୋଇଥିଲେ। ଫଳରେ ମୁନିଋଷିମାନେ ତାଙ୍କୁ ଅଭିଶାପ ଦେଇଥିଲେ। ଅପରପକ୍ଷେ ବେନିଭାଇ ମଥୁରା ପ୍ରବେଶ କରି ସାରିଥିବା ଖବର ପାଇ କଂସ ମହାରାଜ ଖୁସିବ୍ୟକ୍ତ ସହିତ ନୃତ୍ୟଗୀତରେ ବିଭୋର ହୋଇଥିଲେ।



ମୁନିଋଷିଙ୍କ ଉପରେ କଂସ ଅତ୍ୟାଚାର କରୁଛନ୍ତି।

## ଧନୁଯାତ୍ରା: କିଛି କଥା, କିଛି ବ୍ୟଥା

### ପାଣି ପାଇଁ ଗୁଳଗୁଳା

ବରଗଡ଼ ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ଗୋଟିଏ ପଟେ ପିଇବା ପାଣିର ଅଭାବ ଏବଂ ଅନ୍ୟପଟେ ଝୁହାକୁ ଝୁହା ବର୍ଷା ଉଭୟ ମଥୁରା ଏବଂ ଗୋପବାସୀଙ୍କୁ ହଟହଟା କରିଛି। ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ମଞ୍ଚ ସାଜସଜ୍ଜା ହେଉ ଅବା ପଲ୍ଲିଶ୍ରୀ ମେଳା କିମ୍ବା ମିନାବଜାର ଷ୍ଟଲ ଗୁଡ଼ିକୁ ବ୍ୟବସ୍ଥିତ କରାଯିବା ଦରକାର। ୨ଦିନ ତଳେ ବର୍ଷା ସତ୍ତ୍ୱେ ସେଥିପ୍ରତି ଆୟୋଜକ କିମ୍ବା ପ୍ରଶାସନର ନିଦ ଭାଙ୍ଗିଲାନି। ଫଳରେ ମଙ୍ଗଳବାର ବର୍ଷା ଯୋଗୁ ପଲ୍ଲିଶ୍ରୀ ମେଳା, ମିନାବଜାରରେ ଯେଭଳି ଦୁଃସ୍ଥିତି ଉପୁଜିଲା। ବ୍ୟୟବହୁଳ ଦରବାର ମଞ୍ଚରେ ମଧ୍ୟ ସମାନ ସ୍ଥିତି। ତେବେ ବିଶ୍ୱପ୍ରସିଦ୍ଧ ମହୋତ୍ସବରେ ପାନୀୟ ଜଳାଭାବ ଆୟୋଜକ ତଥା ପ୍ରଶାସନିକ ଅପାରଗତାକୁ ପଦାରେ ପକାଇ ଦେଇଛି। ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏଭଳି ମହୋତ୍ସବରେ ଅସ୍ଥାୟୀ ପାଇଖାନା, ପରିସ୍ରାଗାର କରାଯାଇଥାଏ। ମାତ୍ର ଏଥର ସେଭଳି ବ୍ୟବସ୍ଥା ହୋଇନାହିଁ। ଯାହା ବି ହୋଇଛି ଧର୍ମକୁ ଆଖିଠାର ଭଳି। ଜିଲା ତଥା ଜିଲା ବାହାରୁ ଆସି ପଲ୍ଲିଶ୍ରୀ ମେଳାରେ ସାମିଲ ହୋଇଥିବା ଏସ୍‌ଏଚ୍‌ଜି ମହିଳା ଏଭଳି ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଧନୁଯାତ୍ରା ମଞ୍ଚରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରିବାକୁ ଆସିଥିବା କଳାକାରମାନେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଜିଲା ବାହାରୁ ଆସି ସୋମବାର ଉଭୟ ରଙ୍ଗମହଲ ଏବଂ ରାଜ ଦରବାରରେ ନୃତ୍ୟ ପରିବେଷଣ କରିଥିବା ଏକ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି, ସେମାନେ ତାଙ୍କ ଅନୁଷ୍ଠାନରେ ୧୨ କଳାକାର ଥିଲେ। ନୃତ୍ୟ ପରିବେଷଣ ଆରମ୍ଭରୁ କଲ୍ୟାଣ ମଣ୍ଡପକୁ ତାଙ୍କୁ ଅଣାଗଲା। ସେଠାରେ ୧୨ଟିଆଳୁଚପ, ୨୪ବିରିଚପ୍‌ଦିଆଗଲା। ହେଲେ ପାଣି କିମ୍ବା ଚଟନୀ ଦେଇ ନ ଥିଲେ। ଫଳରେ ସେମାନେ ନିଜେ ବାହାରୁ ପାଣି ବୋତଲ କିଣି ପିଇଥିଲେ। ସେହିପରି ନୃତ୍ୟ ପରିବେଷଣ ସାରିବା ପରେ ଏକ ହୋଟେଲକୁ ଖାଇବାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଯେଉଁ ଅଣ୍ଡା ଦିଆଯାଇଥିଲା, ତାହା ବି ବାସି ଥିଲା ବୋଲି ସମ୍ପୃକ୍ତ କଳାକାର କହିଛନ୍ତି।

### ଅତିଥିଙ୍କୁ ଶଙ୍ଖଛାପା ଉତ୍ତରୀୟ

ବରଗଡ଼ ଧନୁଯାତ୍ରା ରାଜନୈତିକ ମଞ୍ଚ ନୁହେଁ। ହେଲେ ରାଜ ଅତିଥି ହୋଇ ଆସିଥିବା ବିଭିନ୍ନ ଦଳର ନେତାମାନେ ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ଏହି ମଞ୍ଚକୁ ଏକ ସୁଯୋଗ ବୋଲି ଭାବିଥାନ୍ତି। କଥା ସେତିକିରେ ସୀମିତ ନାହିଁ। ଧନୁଯାତ୍ରା ସମୟରେ ଶାସକ, ବିରୋଧୀ ସମେତ ବିଭିନ୍ନ ଦଳର ନେତାମାନେ ନିଜ ଦଳୀୟ ଚିହ୍ନ, ଦଳର ସୁପ୍ରିମୋ ପ୍ରମୁଖଙ୍କ ଫଟୋ ଦେଇ ଉଭୟ ମଥୁରାନଗରୀ ଏବଂ ଗୋପପୁରର ପ୍ରମୁଖ ଛକସ୍ଥାନ ଗୁଡ଼ିକରେ ବ୍ୟାନର, ହୋର୍ଡ଼ିଂ ଟାଙ୍ଗୁଛନ୍ତି। ହେଲେ ସୋମବାର ଗୋପପୁର ନନ୍ଦ ଦରବାରରେ ବରଗଡ଼ ପୌରାଧ୍ୟକ୍ଷ କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲଙ୍କ ସମେତ ଅନ୍ୟ କାଉନସିଲରମାନେ ଅତିଥି ଭାବେ ଯୋଗଦାନ କରିଥିଲେ। ଗତ ପୌର ନିର୍ବାଚନରେ ବିଜେଡ଼ି ଗୋପପୁର ପାଳଟୁଥିବା ଅମ୍ବାପାଲି ୱାର୍ଡକୁ ନିଜ ଦଖଲକୁ ନେଇ ପାରି ନ ଥିଲା। ଭାଜପାକୁ କେବଳ ଏହି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଅନ୍ୟପଟେ ଗୋପପୁର ନନ୍ଦ ଦରବାରରେ ଗୋପପୁର କମିଟି ପୌରାଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ଯେଉଁ ଉତ୍ତରୀୟରେ ସମ୍ବର୍ଦ୍ଧିତ କରାଯାଇଥିଲା, ସେଥିରେ ଶଙ୍ଖଛାପା ଚିହ୍ନ ରହିଥିଲା। ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ ଉଭୟେ ବିଜେଡ଼ିର ହୋଇଥିବାବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ ଉତ୍ତରୀୟରେ ଦଳୀୟ ଚିହ୍ନ ରହିଥିବାରୁ ସେମାନେ କିମ୍ବା ସେମାନଙ୍କ ସମର୍ଥକ ଖୁସ୍ ହେବା ସ୍ୱାଭାବିକ। କିନ୍ତୁ ତାକୁ ନେଇ ଦର୍ଶକ, ବିରୋଧୀ ଦଳ ମଧ୍ୟରେ ଏବେ ଚର୍ଚ୍ଚା ଜୋର୍ ଧରିଛି।

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ମଥୁରାନଗରୀ/ଗୋପପୁର**

## କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର,୨୩।୧(ପ୍ରଦୀପ୍ତ ଦାଶ):** ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ପଦ୍ମପୁରସ୍ଥିତ ୱାର୍ଡ ନମ୍ବର-୧ କୁସୁନାପାଲିରେ ମଙ୍ଗଳବାର ସାହୁପଡାର ତୈଳିକ ବୈଶ୍ୟ ସମାଜ ପକ୍ଷରୁ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦାନ କରି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମାଜର ସଭାପତି ଉମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ସଭାରେ ସମ୍ମାନିତ ଅତିଥି ଭାବେ ବିପିନ ପଧାନ, ତହସିଲଦାର ସାବିତ୍ରୀ ବାଗ, ଏନଏସି ଅଧକ୍ଷା ଭାରତୀ ପଟ୍ଟନାୟକ, ଉପାଧକ୍ଷା ଗୌରୀ ସାହୁ, କାଉନସିଲର ଲୋକନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜୟ କୁମାର ଦାନୀ ମଞ୍ଚ ପରିଚାଳନା ଏବଂ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ବାଳିକା ଦିବସ ପାଳିତ

**ପଦ୍ମପୁର/ଭେଡେନ,୨୩।୧ (ପ୍ରଦୀପ୍ତ ଦାଶ/ ସୁଦନ ମହାକୁର):** ପଦ୍ମପୁରର ଦେଓଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ରାଷ୍ଟ୍ରୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ସହ ଗୋଷ୍ଠୀ ଶିକ୍ଷାଧିକାରୀ ରାମସିଂ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଇଓ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସହ ବ୍ଲକ୍ ଶିକ୍ଷାଧିକାରୀ ରାମସିଂ ଭୋଇ, ଶିବ ପ୍ରସାଦ ଯୋଶୀ, ପ୍ରଧାନ ଶିକ୍ଷୟିତ୍ରୀ ଲତିକା ବିଶି ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ନେତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଭେଡେନ ବିଇଓଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ (ଜୁନିୟର) ଓ ନବମରୁ ଦଶମ ଶ୍ରେଣୀ (ସିନିୟର) ଦୁଇଟିବିଭାଗରେ ବାଳିକାମାନେ ଅଂଶ ଗ୍ରହଣ କରିଥିଲେ। ଜୁନିୟର ବିଭାଗ ସଙ୍ଗୀତରେ ଅର୍ଚ୍ଚିତା ଦାସ, ବକ୍ତୃତାରେ ଅନିଶା ଭୋଇ, ନୃତ୍ୟରେ ହଂସିନୀ ଜାଲ୍, ସିନିୟର୍ ବିଭାଗ ସଙ୍ଗୀତରେ ଏଞ୍ଜଲ୍ ସୁନା, ବକ୍ତୃତାରେ ଶ୍ରୁତି ତ୍ରିପାଠୀ, ନୃତ୍ୟରେ ଆଞ୍ଚଲ୍ ସେନ ପ୍ରଥମ ହୋଇଥିଲେ। ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏବିଇଓ ହେମବତୀ ମେହେର ଓ ଉର୍ବଶୀ ପଣ୍ଡା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ବର୍ଷାରେ ପଲ୍ଲିଶ୍ରୀ ମେଳା ବେହାଲ

ମଥୁରାନଗରୀ,୨୩।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ସ୍ଥାନୀୟ ଜିରା ନଦୀର ନଦୀପଠାରେ ପଲ୍ଲିଶ୍ରୀ ମେଳା ଖୋଲାଯାଇଛି । ଓରମାସ୍ ପକ୍ଷରୁ ଖୋଲା ଯାଇଥିବା ଏହି ମେଳାରେ ଜିଲା ତଥା ଜିଲା ବାହାର ଏସ୍‌ଏଚ୍‌ଜିଙ୍କ ସମେତ ରାଜ୍ୟ ବାହାର ହସ୍ତଶିଳ୍ପୀମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବା ଆଶା ନେଇ ସାମିଲ ହୋଇଛନ୍ତି। ତେବେ ମେଳାରେ ଅବ୍ୟବସ୍ଥିତ ଢ଼ଙ୍ଗରେ ପ୍ରସ୍ତୁତ ଷ୍ଟଲଗୁଡ଼ିକ ସେମାନଙ୍କ ଆଶାକୁ ଧୂଳିସାତ୍ କରି ଦେଇଛି। ମଙ୍ଗଳବାର ଝୁହାକୁ ଝୁହା ବର୍ଷା ହୋଇଥିଲା। ଏଭଳିସ୍ଥଳେ ଷ୍ଟଲଗୁଡ଼ିକରେ ବର୍ଷା ପାଣି ଲହଡ଼ି ମାରୁଥିବାବେଳେ ବିକ୍ରି ପାଇଁ ସେମାନେ ଆଣିଥିବା ପ୍ରସ୍ତୁତ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ସେମାନେ କହିଛନ୍ତି। କେବଳ ସେତିକି ନୁହେଁ, ସେଠାରେ ପ୍ରଶାସନ ପକ୍ଷରୁ ପାନୀୟଜଳ କିମ୍ବା ପରିସ୍ରାଗାର ବ୍ୟବସ୍ଥା ମଧ୍ୟ ଠିକ୍ ଭାବେ ହୋଇ ନ ଥିବା ଅଭିଯୋଗ ହୋଇଛି। ପଲ୍ଲିଶ୍ରୀ ମେଳାରେ ଏସ୍‌ଏଚ୍‌ଜି ମହିଳାମାନେ ସାମିଲ ହେଉଥିବାବେଳେ ଆବଶ୍ୟକ ବ୍ୟବସ୍ଥା ହୋଇ ନ ଥିବା ଯୋଗୁ ହଟହଟା ହେବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଅନ୍ୟପଟେ ବର୍ଷା ଥମିବା ପରେ ବିଭାଗୀୟ କର୍ମଚାରୀମାନେ ଷ୍ଟଲଗୁଡ଼ିକୁ କିଛି ପଟା ପହଞ୍ଚାଇଥିଲେ। ମାତ୍ର ତାହା କେବଳ ଲୋକ ଦେଖାଣିଆଁ ବୋଲି ମହିଳାମାନେ କହିଛନ୍ତି। ଏଭଳି ହେଲେ ଆଗକୁ ପଲ୍ଲିଶ୍ରୀ ମେଳାକୁ କେହି ଆସିବେ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ପୂର୍ବରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ପଲ୍ଲିଶ୍ରୀ ମେଳା ଖୋଲାଯାଉଥିଲା। କିନ୍ତୁ ଗତବର୍ଷଠାରୁ ଏହି ମେଳାକୁ ଜିରା ନଦୀ କୂଳକୁ ସ୍ଥାନାନ୍ତର କରାଯାଇଛି ।



ପଲ୍ଲିଶ୍ରୀ ମେଳା ଷ୍ଟଲରେ ବର୍ଷାପାଣି ଜମିଛି ।

# ଗଭୀର ବିଶ୍ୱାସରେ ସଂସ୍କୃତ ଭାଷା ପୁନଃ ପ୍ରତିଷ୍ଠା ସମ୍ଭବ

ମଥୁରାନଗରୀ,୨୩।୧(ପ୍ରେମାନନ୍ଦ ଖମାରୀ)

ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ରହିଛି। ସଂସ୍କୃତ ଭାଷା ଉପରେ ଆମର ଗଭୀର ବିଶ୍ୱାସ ରହିଲେ ଏହାର ପୁନଃ ପ୍ରତିଷ୍ଠା ହୋଇପାରିବ ବୋଲି ବରଗଡ଼ ରାଣା ପ୍ରତାପ ସ୍କୁଲରେ ମଙ୍ଗଳବାର ସଂସ୍କୃତ ଭାରତୀ ଆନୁକୂଲ୍ୟରେ ଅନୁଷ୍ଠିତ ଜନପଦ ସମ୍ମିଳନୀରେ ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ପ୍ରାନ୍ତୀୟ ଅଧକ୍ଷ ଆୟୁଷ୍ମନ୍ତ ଷଡଙ୍ଗୀଙ୍କ ତତ୍ତ୍ୱାବଧାନ ଓ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ପଲିଟେକ୍ନିକ୍‌ର ଅଧକ୍ଷ ସଚିନ୍ଦ୍ର କୁମାର ଗୋଖୁରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବ କ୍ଷେତ୍ର ସଂଯୋଜକ ପଣ୍ଡିତ ନୃସିଂହ ଚରଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଦଧିବାମନ ମୁକ୍ତି ମଣ୍ଡପ ସଭା ଅଧକ୍ଷ ନେହେରୁ ଲାଲ ସତପଥୀ, ନବ ପ୍ରଭାତ ଗୁରୁକୁଳର ଅଧକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ଦିବ୍ୟ ଜୀବନ ସଂଘ ପ୍ରମୁଖ ରବୀନ୍ଦ୍ର ପ୍ରଧାନ, ପ୍ରାକ୍ତନ ଅଧାପକ ଅନ୍ତର୍ଯାମୀ ଦାଶ, ଜିଲା ବେଦ ପ୍ରଚାର ସମିତି ସମ୍ପାଦକ ଅଶୋକ ମେହେର, ଜିଲା ସଂସ୍କୃତ ଶିକ୍ଷକ ସଂଘ ସଭାପତି ପଣ୍ଡିତ ସୁରେଶ ଚୌହାନ, ଡ. ଡୋଲାମଣି ଶତପଥୀ, ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ସଙ୍ଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ରାଜ କୁମାର ବରାଡ, ରାଣାପ୍ରତାପ ସ୍କୁଲର ମୋ ସ୍କୁଲ ପରିଚାଳନା କମିଟି ଅଧକ୍ଷ ନନ୍ଦ କିଶୋର ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ଭାଷା ଉପରେ ଆଲୋଚନା କରିଥିଲେ। ଭଟଲି ବ୍ଲକ କୁଲିତାପାଲି ଗ୍ରାମର ମହିଳା କର୍ମକର୍ତ୍ତାଙ୍କ ସମେତ ସଂସ୍କୃତ ଭାରତୀ ବ୍ଲକ ଅଧକ୍ଷ ଗିରିଧାରୀ ବାରିକ, ଶ୍ରୀବତ୍ସ ପାଣିଗ୍ରାହୀ ପ୍ରମୁଖ ନିଜ ମତାମତ ଉପସ୍ଥାପନ କରିଥିଲେ। ସଂସ୍କୃତ ଭାରତୀ ବରଗଡ଼ ଜିଲା ସଂଯୋଜକ ହେମନ୍ତ ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଧାପିକା ଦମୟନ୍ତୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ରାଜୀବ ଲୋଚନ ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଶ୍ରୀରାମ ମହୋତ୍ସବ କମିଟିର ଶୋଭାଯାତ୍ରା

**ସୋହେଲା,୨୩।୧(ଅଶ୍ୱିନୀ କୁମାର ପାତ୍ର):** ଅଯୋଧାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ବରଗଡ଼ ଜିଲା ସୋହେଲାରେ ଶ୍ରୀରାମ ମହୋତ୍ସବ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସୀମାନ୍ତ ଲୋହରାଚଟି ଏବଂ ଦଶମାଇଲ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ମହିଳା ସାମିଲ ହୋଇଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ରାମ ଲକ୍ଷ୍ମଣ ସୀତା ବେଶରେ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପୁଣି ଶିଶୁମାନଙ୍କୁ ରାମ, ଲକ୍ଷ୍ମଣ ଓ ସୀତା ବେଶରେ ସଜାଇ ଏକ ସୁସଜ୍ଜିତ ରଥରେ ବସାଇ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ପରେ ଦୁର୍ଗା ମନ୍ଦିରରେ ଦୀପ ପ୍ରଜ୍ୱଳନ ହୋଇଥିଲା। ବଳବୀର ସିଂ ଠାକୁର, ଦୁର୍ଗା ପ୍ରସାଦ ସାହୁ, ପ୍ରମୋଦ ଦେବତା, ମହମ୍ମଦ ରଫିକ, କୃଷ୍ଣଚନ୍ଦ୍ର ସାହୁ, ସୁଶାନ୍ତ ମିଶ୍ର, ଶତ୍ରୁଘନ ଭଞ୍ଜ, ଭକ୍ତ ଠାକୁର, ବିପିନ ବିହାରୀ ପଧାନ, ଗିରିଜେଶ ଖାଡ଼େଙ୍ଗା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଷ୍ଟଶମ୍ଭୁ ପୀଠରେ ଦୀପଘର ଭିତ୍ତିପ୍ରସ୍ତର ସ୍ଥାପିତ

ସରଣ୍ଡା,୨୩।୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାସ୍ଥିତ ଅଷ୍ଟଶମ୍ଭୁ ଶୈବପୀଠରେ ସୋମବାର ଦୀପଘର ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ଓ ପୂଜାପାଠରେ ସାମାଜିକ କର୍ମୀ ଫକୀର କର୍ଣ୍ଣ, ତାଙ୍କ ସ୍ତ୍ରୀ ସନ୍ତୋଷିନୀ କର୍ଣ୍ଣ, ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସଞ୍ଚାଳକ ଦେବରାଜ ମହାପାତ୍ର, ପୂଜକ ମାଲ ମହାପାତ୍ର ଏବଂ ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଯୋଧାରେ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବକୁ ସ୍ମରଣୀୟ କରିବା ସକାଶେ ଅଷ୍ଟଶମ୍ଭୁ ପୀଠରେ ସ୍ଥାୟୀ ଦୀପଘର ନିର୍ମାଣ କରିବାକୁ ସାମାଜିକ କର୍ମୀ ଫକୀର କର୍ଣ୍ଣ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ କର୍ଣ୍ଣ ମନସ୍ଥ କରିଥିଲେ ।



ଅଷ୍ଟଶମ୍ଭୁ ପୀଠରେ ଦୀପଘର ନିର୍ମାଣ ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ନଅଗାଁରେ ୨୨ କରସେବକ ସମ୍ମାନିତ

ସୋହେଲା,୨୩।୧(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ନଅଗାଁରେ ମଙ୍ଗଳବାର ୨୨ଜଣ ତତ୍କାଳୀନ କରସେବକଙ୍କୁ ସମ୍ମାନିତ କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ୬ଜଣଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ନଅଗାଁ ରାମ ମନ୍ଦିର ସଭାପତି ନୃପରାଜ ଖମାରିଙ୍କ ସଭାପତିତ୍ୱରେ ଏକ ସଭାରେ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି, କୃଷ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ କରସେବକଙ୍କୁ ଅଙ୍ଗବସ୍ତ୍ର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଗାଁରୁ ଗୋଟିଏ ପରିବାରର ୬ଜଣ ସଦସ୍ୟ କରସେବା କରିଥିଲେ। ବରଗଡ଼ର ସ୍ୱୟଂ ସେବକ ସର୍ଦ୍ଦାର ପ୍ରୀତମ ସିଂଙ୍କ ନେତୃତ୍ୱରେ ସମସ୍ତେ ଅଯୋଧା ଯାଇଥିବାରୁ ସ୍ମୃତିଚାରଣ କରାଯାଇଥିଲା। ସୁଦାମ ବାରିକ ସଭା ପରିଚଳନା କରିଥିଲେ। ଦରିଦ୍ର ପଧାନ, ନିମାଇଁ ଚରଣ ସାହୁ, ବିକାଶ ପଧାନ, ରମଣି ପଧାନ, ରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ଗାଁରେ ୨୪ ପ୍ରହର ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା।



ସମ୍ମାନିତ ହୋଇଥିବା କରସେବକଗଣ।

# ଦେଶସେବାରେ ବ୍ରତୀ ହେବାକୁ ସଂକଳ୍ପ

## ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ବରପାଲି,୨୩।୧(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅଧକ୍ଷା ପଦ୍ମିନୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଅଧାପକ ଯତୀନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସିନେ ଅଭିନେତ୍ରୀ ସୁଶୀଳା ନାୟାର, ସମ୍ମାନିତ ଅତିଥି ଭାବେ ବରପାଲି ତହସିଲଦାର ରୁକ୍ମଣ କୁମାର ମେହେର, ଅଭୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସରୋଜ କୁମାର ମେହେରଙ୍କ ପରିଚାଳନାରେ ବରପାଲି ଏନଏସି ସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜୁନିୟର ଦଳରୁ ଅନ୍ୱେଷା ଦାଶ ପ୍ରଥମ, ମଧୁସ୍ମିତା ଦାଶ ଦ୍ୱିତୀୟ, ଶ୍ରିଷ୍ଟି ପଟ୍ଟନାୟକ ତୃତୀୟ ହୋଇଥିଲେ। ସେହିପରି ସିନିୟର ଦଳରୁ ଇତିଶ୍ରୀ ସାହୁ ପ୍ରଥମ, ବିନୋଦିନୀ ସାହୁ ଦ୍ୱିତୀୟ, ସନ୍ଧ୍ୟା ହରିପାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧାପିକା ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ(ବଡ ଶତପଥୀ):** ପାଇକମାଳର ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଓ ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ନୂଆପଡା ଜିଲା ସିନାପାଲି ବ୍ଲକ ଶିକ୍ଷାଧିକାରୀ ଜିତେନ୍ଦ୍ର କୁମାର ସେଠ ମୁଖ୍ୟଅତିଥି ଏବଂ ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟଅତିଥି, ପୂର୍ବତନ ଏବିଇଓ ପ୍ରେମାନନ୍ଦ ବାରିକ ମୁଖ୍ୟ ବକ୍ତା, ଅତିରିକ୍ତ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ଶିକ୍ଷକ ଡୋଲାମଣି ମାହାର, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଦାମୋଦର କନ୍ଧେର, ଶୁକଦେବ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସେବକ ସେଠ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅନିମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ବାଳିକା ଦିବସ ପାଳନ ଅବସରରେ ସିନିୟର ଏବଂ ଜୁନିୟର ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ପୁରେନା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ରେଣୁଧର ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ଶିକ୍ଷକ ପ୍ରମୋଦ ନାଥ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଜାତୀୟ ବୀରଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରୀଛାତ୍ରମାନେ ବୀରଗାଥା ପାଠ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶସେବାରେ ବ୍ରତୀ ହେବାକୁ ସଂକଳ୍ପ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ମହାପୁରୁଷଙ୍କ ଜୀବନୀ ଆଲୋଚନା କରିଥିଲେ। ଲେକ୍ସୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଉଭୟ ବୀରଙ୍କ ଗୁଣଗାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମପୁର କଂଗ୍ରେସ କାର୍ଯ୍ୟାଳୟରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁ, ସନ୍ତୋଷ ଶତପଥି, ଦିଲ୍ଲୀପ ଦାନୀ, ପ୍ରଦୀପ ବେହେରା, ମୌସୁମୀ ସାହୁ ପ୍ରମୁଖ ଉପସ୍ଥିତ ରହି ମହାମନିଷୀଙ୍କ ସ୍ମୃତିଚାରଣ କରିଥିଲେ।




ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ ଏବଂ ଅତିଥି।



ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସଂକ୍ଷେପରେ**

## ମାରପିଟ ଘଟଣାରେ ଗୁରୁତର ଆହତଙ୍କ ମୃତ୍ୟୁ

ବଡ଼ଗାଁ, ୨୩।୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ସାହାଜବାହାଲ ବିରଙ୍ଗାପଡା ଗ୍ରାମରେ ଗତ ୧୫ରେ ହୋଇଥିବା ମାଡପିଟ ଘଟଣାରେ ଗୁରୁତର ଆହତ ହୋଇଥିବା କୁଲଦୀପ କିରୋ(୨୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ତାଙ୍କୁ ରାଉରକେଲାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣା ଅନୁଯାୟୀ, ସେହି ଗ୍ରାମର ଜାସିନ୍ତା କିରୋ ଓ ତାଙ୍କ ପୁଅ କୁଲଦୀପଙ୍କୁ ସୁନିଲ ଟେଟେ (୨୫) ପିଢାରେ ମରଣାନ୍ତକ ଆକ୍ରମଣ କରିଥିଲେ। କୁଲଦୀପଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ଅଭିଯୋଗ କ୍ରମେ ପୋଲିସ ସୁନିଲଙ୍କୁ ଦଫା ୩୦୭ରେ କୋର୍ଟ ଚାଲାଣ କରିଥିଲା। ଆହତଙ୍କ ମୃତ୍ୟୁ ପରେ ଦଫା ୩୦୨ ଯୋଡାଜିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ଆଜିଠୁ ରାଉରକେଲାରୁ ପୁଣି ଉଡ଼ିବ ବିମାନ

ରାଉରକେଲା, ୨୩।୧(ଦିନେଶ ମିଶ୍ର)

ରାଉରକେଲା ବିମାନ ବନ୍ଦରରୁ ପୁଣି କଲିକତା ଓ ଭୁବନେଶ୍ୱରକୁ ବିମାନ ଉଡିବ। ୨୪ ତାରିଖ ଅର୍ଥାତ୍ ବୁଧବାରଠାରୁ ଏହା କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ସହରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ରାଉରକେଲା ବିମାନ ବନ୍ଦରରୁ ବାରମ୍ବାର ବିମାନ ଚଳାଚଳ ବନ୍ଦକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ବିମାନ ବାତିଲ ଓ ଡାଇଭର୍ସନ ସହ ପାଣିପାଗ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ବିମାନ ଅବତରଣ କରି ନ ପାରି ଫେରଯାଉଥିଲା। ଏ ନେଇ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଲୋକସଭାରେ ପ୍ରଶ୍ନ ଉଠାଇଥିବା ବେଳେ ରାଜ୍ୟର ପରିବହନ ସଚିବ ଉଷା ପାଢୀ ମଧ୍ୟ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅବଗତ କରିଥିଲେ। ରାଉରକେଲାରେ ଇନ୍ଷ୍ଟ୍ରୁମେଣ୍ଟ



ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲ୍‌ଏସ୍) ବ୍ୟବସ୍ଥା ନ ଥିବାରୁ ଏହି ସମସ୍ୟା ଉପୁଜୁଥିଲା। ବାରମ୍ବାର ବିମାନସେବାକୁ ନେଇ ସହରବାସୀ ସନ୍ଦେହ ଘେରରେ ଥିବାବେଳେ ବର୍ତ୍ତମାନ ଶୁଭ ସୂଚନା ଆସିଛି। ଏଥର ବିମାନ ଚଳାଚଳ ପାଇଁ ଆପ୍ରୋଚ୍ କଣ୍ଟ୍ରୋଲ ୟୁନିଟ୍ ପ୍ରତିଷ୍ଠା ସହ ୨ଜଣ ଏଟିସି ବିଶେଷଜ୍ଞ ଯୋଗଦାନ କରିବା ପରେ ଏଥର କେବଳ ୧୫ ଶହ ମିଟର ଭିଜିବିଲିଟି ମଧ୍ୟରେ ବିମାନ ଉଡାଣ ଓ ଅବତରଣ ସମ୍ଭବ ହେବ। ଏହା ୨୪ତାରିଖଠାରୁ ଆରମ୍ଭ ହେବାକୁ ଯାଉଛି। ରାଉରକେଲାରୁ କଲିକତାକୁ ସପ୍ତାହକୁ ୩ଦିନ ଓ ଭୁବନେଶ୍ୱରକୁ ୪ଦିନ ବିମାନସେବା ପୁଣି ଚଳାଚଳ କରିବ ବୋଲି ଜଣାପଡିଛି। ପୂର୍ବରୁ ରାଉରକେଲା ବିମାନବନ୍ଦରରେ ଭିଜିବିଲିଟି ୫ ହଜାର ମିଟର ରହିଥିଲା। ଫଳରେ ପାଣିପାଗ ଖରାପ ସମୟରେ ଏଠାରୁ ନିର୍ଦ୍ଦିଷ୍ଟ ସମୟରେ ବହୁବାର ବିମାନ ଅବତରଣ ଓ ଉଡାଣରେ ସମସ୍ୟା ଉପୁଜୁଥିଲା। ଇତିମଧ୍ୟରେ ରାଉରକେଲାରେ ଆପ୍ରୋଚ୍ କଣ୍ଟ୍ରୋଲ ୟୁନିଟ୍ ସ୍ଥାପନ ସହ ଏଟିସି ଅଧିକାରୀଙ୍କ ତାଲିମ ଶେଷ ହୋଇଛି। ଗତ ୨୧ ତାରିଖରୁ ଦୁଇଜଣ ଏଟିସି ଅଧିକାରୀ ରାଉରକେଲାରେ ଯୋଗ ଦେଇଛନ୍ତି। ଏଏଆଇ ପକ୍ଷରୁ ଆନୁଷ୍ଠାନିକ ଅନୁମତି ମିଳିବା ପରେ ସହରବାସୀଙ୍କ ପାଇଁ ଖୁସିର ଲହରୀ ଖେଳିଯାଇଛି। ଏ ନେଇ ରାଉରକେଲା ନିଗ୍ରାର ଅଧ୍ୟକ୍ଷ ତଥା ସଚେତନ ନାଗରିକ ମଞ୍ଚର ସଭାପତି ବିମଲ ବିଶି କହିଛନ୍ତି, ରାଉରକେଲାରେ ୧୫ଶହ ମିଟର ଭିଜିବିଲିଟି ମଧ୍ୟରେ ବିମାନ ଉଡାଣ ଓ ଅବତରଣ ହୋଇପାରିବ। ଫଳରେ ସୁନ୍ଦରଗଡ଼ ଜିଲା ତଥା ସହରବାସୀ ଉପକୃତ ହେବେ।

# ଆର୍‌ଏସ୍‌ପି ଠିକା କର୍ମଚାରୀଙ୍କୁ ଉଠାଇନେଲା ହରିୟାଣା ପୋଲିସ

ରାଉରକେଲା, ୨୩।୧(ସଙ୍ଗୀତା ଜେନା)

**୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାରବାର ମାମଲା**

- ୪ ମାସ ତଳେ ଗୁଜୁରାଟ ପୋଲିସ ତନାଘନା କରି ଫେରିଥିଲା
- ଘରୋଇ ବ୍ୟାଙ୍କ କରେଣ୍ଟ ଆକାଉଣ୍ଟରେ କୋଟି କୋଟି ଟଙ୍କା କାରବାର

ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର ଜଣେ ଠିକା କର୍ମଚାରୀଙ୍କୁ ହରିୟାଣା ସାଇବର ଥାନା ପୋଲିସ ମଙ୍ଗଳବାର ଝିରପାଣି ଥାନା ଅଞ୍ଚଳରୁ ଉଠାଇ ନେଇଛି। ଅଭିଯୁକ୍ତ ଜଣଙ୍କ ହେଲେ ବିଶ୍ରା ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମର ମୂଳବାସିନ୍ଦା ପାରସ ମହତୋ (୩୧)। ସେ ବର୍ତ୍ତମାନ ଝିରପାଣି ଥାନା ଜଗଦା ମହାପାତ୍ର ମାର୍କେଟ କମ୍ପ୍ଲେକ୍ସ ନିକଟ ଏକ ଭଡ଼ାଘରେ ସପରିବାର ରହୁଛନ୍ତି। ପାରସଙ୍କ ବ୍ୟାଙ୍କ ଖାତାରେ ହୋଇଥିବା ୨କୋଟି ୩୯ଲକ୍ଷ ଟଙ୍କା କାରବାରରେ ଆନ୍ତଃରାଜ୍ୟ ଗ୍ୟାଙ୍ଗ ସମ୍ପୃକ୍ତି ସନ୍ଦେହରେ ଏହି ଗିରଫଦାରି ହୋଇଥିବା ଜଣାପଡିଛି। ହରିୟାଣା ସାଇବର ପୋଲିସ ୱାରେଣ୍ଟ ଦେଖାଇବା ପରେ ଝିରପାଣି ଥାନା ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଯିବା ଲାଗି ସହମତି ପ୍ରକାଶ କରିଥିଲା।

ସୂଚନା ଅନୁସାରେ, ୨୦୨୩ ଫେବୃଆରୀ ୧୦ ତାରିଖରେ ପାରସ ରାଉରକେଲା ମେନ୍ ରୋଡ୍‌ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ମୁଖ୍ୟଶାଖାରେ କରେଣ୍ଟ ଆକାଉଣ୍ଟ (ନଂ.୦୧୯୫୦୫୫୦୧୫୭୮) ଖୋଲିଥିଲେ। ମାର୍ଚ୍ଚ ୨ ଓ ୩ ତାରିଖରେ ଉକ୍ତ ଖାତାରେ ୨ କୋଟି ୩୯ ଲକ୍ଷ ଟଙ୍କା ଟ୍ରାଞ୍ଜାକ୍‌ଶନ ହୋଇଥିଲା। କିଛି ସମୟ ପରେ ତାଙ୍କ ଖାତାରୁ ସମସ୍ତ ରାଶି ଅନ୍ୟ ଏକ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯାଇଥିଲା। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ପାରସଙ୍କୁ ସୂଚନା ଦେବା ସହ ଉକ୍ତ ଆକାଉଣ୍ଟକୁ ଫ୍ରିଜ୍ କରିଦେଇଥିଲେ। ଏ ନେଇ ପାରସ ବିଶ୍ରା ଓ ପରେ ଝିରପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗତ ଅକ୍ଟୋବର ମାସରେ ଗୁଜୁରାଟ ପୋଲିସର ଏକ ୬ ଜଣିଆ ଟିମ୍ ଝିରପାଣି ଥାନାକୁ ଆସି ପାରସଙ୍କୁ ପ୍ରାୟ ୭/୮ଘଣ୍ଟା ଜେରା କରି ଛାଡି ଦେଇଥିଲା। ଏହି ମାମଲାକୁ ନେଇ ହରିୟାଣା ପୋଲିସ ମଙ୍ଗଳବାର ପାରସଙ୍କୁ ଝିରପାଣି ଥାନାକୁ ଡକାଇ ପଚରାଉଚୁରା କରିବା ସହ ତାଙ୍କୁ ହରିଆଣା ନେଇଯାଇଛି।

ସୂଚନାଯୋଗ୍ୟ, ପ୍ରାୟ ୩ ବର୍ଷ ତଳେ ଜଗଦା ଅଞ୍ଚଳରେ ଜଣେ ଯୁବକଙ୍କ ବ୍ୟାଙ୍କ ଖାତାରେ ୧୦କୋଟି ଟଙ୍କା କାରବାର ହୋଇଥିଲା। ତନାଘନା ପରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଥିଲା। ଇସ୍ପାତ ସହରରେ ଗୁପଚୁପ୍ ବିକାଳି, ପରିବାର ବିକାଳି, ରିକ୍ସାବାଲା, ଜେରକ୍ସ ଦୋକାନୀଙ୍କ ନାମରେ ଭୂତ କମ୍ପାନୀ ପଞ୍ଜୀକୃତ କରି କୋଟି କୋଟି ଟଙ୍କା ଜିଏସ୍‌ଟି ଠକେଇ କରାଯାଉଛି। ତେବେ ପାରସଙ୍କ ମାମଲା ଜିଏସ୍‌ଟି କାରବାର ବୋଲି ପୋଲିସ ସନ୍ଦେହ କରିଛି। ଏହାର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଥିବା ସନ୍ଦେହ କରାଯାଇଛି।

# କଲ୍ୟାଣୀଦେବୀ ହାଇସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ

ରାଉରକେଲା, ୨୩।୧(ଦିନେଶ ମିଶ୍ର)

ରାଉରକେଲା ଲାଲ୍ ବିଲ୍‌ଡିଂ ସ୍ଥିତ କଲ୍ୟାଣୀ ଦେବୀ ସରକାରୀ ଉଚ୍ଚବିଦ୍ୟାଳୟର ୩୬ତମ ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ବିଦ୍ୟାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ବିଶ୍ରା ବିଇଓ ବେଣୁଧର ସ୍ୱାଇଁ, ଉଦିତନଗର ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନଗେନ୍ଦ୍ର ସାହୁ, ପରମାନନ୍ଦ ପୃଷ୍ଟି, ମନୋଜ କୁମାର ମହାନନ୍ଦ, ବ୍ରିଜମୋହନ ଅଗ୍ରୱାଲ, ଦୀପ୍ତିମୟୀ ପରିଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇ ଶିକ୍ଷା କ୍ଷେତ୍ରରେ କିଭଳି ବିଦ୍ୟାର୍ଥୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମବିନୟ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନମିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀ ଅନୁରାଧା ପରମାଣିକଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଶାରୀରିକ ଶିକ୍ଷକ ସୁଧାଂଶୁ ଶେଖର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ମହାଯଜ୍ଞରେ ପ୍ରବଚକଙ୍କ ଗହଣରେ ଦେବଦେବୀଙ୍କ ବେଶଧାରୀ ପିଲାମାନେ।

# ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

ରାଉରକେଲା, ୨୩।୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଇସ୍ପାତ ସହରର ସେକ୍ଟର-୨ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ମଙ୍ଗଳବାର ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଏହି ମହାଯଜ୍ଞରେ ନାରୀ ସଶକ୍ତୀକରଣ, ରାଷ୍ଟ୍ର ଜାଗରଣ ଓ ନିଶା ନିବାରଣ ମୁଖ୍ୟ ପ୍ରସଙ୍ଗ ରହିଛି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ରାଉରକେଲା ଶାଖା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଧିରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ଦିନ ବ୍ୟାପୀ ଏହି ମହାଯଜ୍ଞ ଚାଲିବ। ଶାନ୍ତିକୁଞ୍ଜ ହରିଦ୍ୱାରର ପ୍ରତିନିଧି ପ୍ରଦୀପ ସାହୁ, ପ୍ରମୋଦ କୁମାର ଦିବ୍ୟଶ୍ରୀ, ସରୋଜ ପଧାନ, ସୁବାଷ ଚୌହାନ ଓ ଶ୍ରୀକାନ୍ତ ତ୍ରିପାଠୀ ପ୍ରମୁଖ ଯଜ୍ଞ ସଞ୍ଚାଳନ ସହ ପ୍ରବଚନ ଦାୟିତ୍ୱ ତୁଲାଇବେ। ଏହି ଉପଲକ୍ଷେ ମଙ୍ଗଳବାର ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ମହିଳାପୁରୁଷ ସାମିଲ ହୋଇଥିଲେ। ଉଦିତନଗର ରାଧାକୃଷ୍ଣ ମନ୍ଦିର ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଆଣି ସେକ୍ଟର-୨ସ୍ଥିତ ଗାୟତ୍ରୀ ଶକ୍ତିପୀଠ ମହାଯଜ୍ଞ ସ୍ଥଳରେ ସ୍ଥାପନ କରାଯାଇଥିଲା। ପରେ ଯୁଗ ସଙ୍ଗୀତ, ପ୍ରବଚନ ଓ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ପରିଚାଳନା କରିଥିଲେ। କାଶୀନାଥ ପଣ୍ଡା ସହଯୋଗ କରିଥିଲେ। ରାଉରକେଲା ଗାୟତ୍ରୀ ପରିବାର ଟ୍ରଷ୍ଟ ଏବଂ ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଏହି ମହାଯଜ୍ଞ ଆୟୋଜନ କରାଯାଇଛି।

# ସେଞ୍ଚୁରୀ କ୍ରିକେଟ: ଡବ୍ଲ୍ୟୁୱାଇସି ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

ରାଉରକେଲା, ୨୩।୧(ଦିନେଶ ମିଶ୍ର)

ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ସେଞ୍ଚୁରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୨୯ତମ ସେଞ୍ଚୁରୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଆଶୁଇଲେଭେନ୍ ଓ ଡବ୍ଲ୍ୟୁୱାଇସି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଡବ୍ଲ୍ୟୁୱାଇସି ଦଳ ଆଶୁଇଲେଭେନ୍ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଆଶୁଇଲେଭେନ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୧୮୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ଆନନ୍ଦ ମାତ୍ର ୩୭ ବଲ ଖେଳି ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ। ଏହି ରନ୍‌ର ଲକ୍ଷ୍ୟକୁ ନେଇ ଡବ୍ଲ୍ୟୁୱାଇସି ଦଳ ମାତ୍ର ୨୧ ଓଭରରେ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅମନ୍ ଯାଦବ ମାତ୍ର ୪୮ ବଲ ଖେଳି ସର୍ବାଧିକ ୬୭ ରନ ସଂଗ୍ରହ କରିଥିଲେ। ଫାଇନାଲ ମ୍ୟାଚରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, କ୍ଲବର ଅଧ୍ୟକ୍ଷ ମେହମ୍ମୁଦ ଆଲାମ, ଜୀବନଧାରା ଫାଉଣ୍ଡେଶନର ନିର୍ଦ୍ଦେଶକ ବିଜାନ ବିଶ୍ୱାଳ, ଚାନ୍ଦ ହୁସେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଡବ୍ଲ୍ୟୁୱାଇସି ଦଳର ନାରାୟଣ ପଲାଉଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରାଜୀବ ମହାରଣାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ଚିନ୍ମୟ ମିଶ୍ରଙ୍କୁ ବେଷ୍ଟ ବ୍ୟାଟର ଭାବେ ପୁରସ୍କୃତ କରାଯାଇଥିଲା। ଜମାଲ ଖାନ ଓ ପ୍ରଭ କର ପରିଚାଳନା କରିଥିଲେ। ସେଞ୍ଚୁରୀ କ୍ଲବର ଉପସଭାପତି ସିକନ୍ଦର ଆଲାମ, ସମ୍ପାଦକ ନବାବ ଅଖତର, ରୋନକ ଅଲ୍ଲୀ, ଲତିଫ ଖାନ, ରଜ୍ୱାନ ଅଲ୍ଲୀ, ବାବରଅଲ୍ଲୀ ଖାନ, ଇମ୍ରାନ ଖାନ, ଆଦିଲ ମେହମ୍ମୁଦ, ତୋସିଫ ଏହମ୍ମଦ, ଆଜମଲ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ।

# ହତ୍ୟା ମାମଲାରେ ଦହିବରା ଦୋକାନୀ ଗିରଫ

ରାଉରକେଲା, ୨୩।୧(ସଙ୍ଗୀତା ଜେନା)

ବ୍ରହ୍ମପୁର ବେଲଗୁଣ୍ଠା ଥାନା ଅଞ୍ଚଳରେ ସଙ୍ଗଠିତ ଏକ ହତ୍ୟା ମାମଲାରେ ମଙ୍ଗଳବାର ରାଉରକେଲା ଏନ୍‌ଆଇଟି ଗେଟ୍ ରୋଡ୍‌ରେ ଜଣେ ଦହିବରା ଦୋକାନୀଙ୍କୁ ବ୍ରହ୍ମପୁର ପୋଲିସ ଗିରଫ କରିଛି। ବେଲଗୁଣ୍ଠା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ମାମଲାରେ ଉକ୍ତ ଦହିବରା ଦୋକାନୀଙ୍କ ସମ୍ପୃକ୍ତି ରହିଥିବା ପୋଲିସ ସନ୍ଦେହ କରିଥିଲା। ଝିରପାଣି ପୋଲିସ ସହଯୋଗରେ ଉକ୍ତ ଦୋକାନୀଙ୍କୁ ଗିରଫ କରି ବ୍ରହ୍ମପୁର ପୋଲିସ ଫେରିଯାଇଛି।

# ବ୍ରାହ୍ମଣମାରାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

କୁଆଁରମୁଣ୍ଡା, ୨୩।୧ (ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ସହରର ବ୍ରାହ୍ମଣମରା ଶ୍ରୀ ରାମ କମିଟି ପକ୍ଷରୁ ବ୍ରାହ୍ମଣ ମରାରେ ଅଷ୍ଟପ୍ରହରି ନାମ ସଂକୀର୍ତ୍ତନ ପାଳିତ ହୋଇଯାଇଛି। ଗତ ୨୦ରେ ବେଦବ୍ୟାସ ତ୍ରିବେଣୀ ସଙ୍ଗମରୁ ପୂଜାର୍ଚ୍ଚନା କରାଯାଇ ଜଳ ଅଣାଯାଇ ଅଧିବାସ କରାଯାଇଥିଲା। ୨୧ରେ ନାମ ଡକା ଯିବା ସହ କୀର୍ତ୍ତନ ଆରମ୍ଭ କରାଯାଇଥିଲା।୨୨ରେ ନଗର କୀର୍ତ୍ତନ କରାଯାଇଥିଲା। ୨୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ସହ ହଜାର ହଜାର ସଂଖ୍ୟାରେ ପୁରୁଷମାନେ ନଗର ଭ୍ରମଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କମିଟି ପକ୍ଷରୁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ବରଗଡ, ହାତିବାରି, ରାଏବୋଗା, ବରେଇଗଡା, କୁମର୍ଝରିଆ, ପୁରୁଣା ପାଣି, ବୀରମିତ୍ରପୁରର ବନମୁଣ୍ଡା ଓ କୋଲ ଦଫେଇ ଆଦି ଅଞ୍ଚଳର ଦଶଟି କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ କରିଥିଲେ। କମିଟି ସଭାପତି ସକୁନ କଇଥା, ଉପସଭାପତି ମନୋଜ ସାହୁ,ସାଧାରଣ ସମ୍ପାଦକ ରାଜା ଚୌରାସିଆ, ସହସମ୍ପାଦକ ଜି. ଆର. ମହାନ୍ତି, କୋଷାଧକ୍ଷ ଅମରଜିତ ସିଂ, ସଦସ୍ୟ ସୁନୀଲ କଇଥା, ରାହୁଲ ବଡାଇକ, ରବୀନ୍ଦ୍ର ସିଂ, ସାବିତ୍ରୀ ବଡ଼ାଇକ, ଅନିମା ଚାଟୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜୟନ୍ତୀ କାର୍ଯ୍ୟକ୍ରମରେ ମହାପୁରୁଷଙ୍କ ସ୍ମୃତିଚାରଣ

ରାଉରକେଲା, ୨୩।୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ନେତାଜୀ ସୁବାଷ ବୋଷଙ୍କ ୧୨୮ତମ ଜୟନ୍ତୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ରାଉରକେଲା ସିପିଆଇଏମ୍ ଆଞ୍ଚଳିକ କମିଟି ପକ୍ଷରୁ ଟ୍ୟାକ୍ସି ଷ୍ଟାଣ୍ଡରେ ସ୍ଥାପିତ ନେତାଜୀଙ୍କ ପ୍ରତିମୂର୍ତ୍ତି ଓ ଶକ୍ତି ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ କରାଯାଇଥିଲା। ରାଉରକେଲା ସିପିଆଇଏମ୍‌ର ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଜିଲା ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବେଦବ୍ୟାସ ହାଇସ୍କୁଲରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ରାଉରକେଲା ଲାୟନ୍ସ କ୍ଲବ ପକ୍ଷରୁ ପାଳିତ ହୋଇଥିଲା। ବେଦବ୍ୟାସ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ଲାୟନ୍ସ ଆର. କେ. ସିଂହଙ୍କ ସମେତ କ୍ଲବର କିରଣ ପ୍ରସାଦ ମେହେର, ସନତ କୁମାର ପ୍ରଧାନ, ହାଇସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ରାଉରକେଲାର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ସଙ୍ଗଠନ ପକ୍ଷରୁ ଉଭୟ ମହାପୁରୁଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।




ଟ୍ୟାକ୍ସିଷ୍ଟାଣ୍ଡରେ ନେତାଜୀଙ୍କ ଜୟନ୍ତୀ ପାଳନ କରାଯାଉଛି।

**ଗ୍ଲୋରୀ ଫେଷ୍ଟ ପ୍ରତିଯୋଗିତା**

# ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ

ରାଉରକେଲା, ୨୩।୧(ଦିନେଶ ମିଶ୍ର)

ଜାତୀୟସ୍ତରରେ ଗ୍ଲୋରି ଫେଷ୍ଟ ପ୍ରତିଯୋଗିତାରେ ପାନପୋଷ ସ୍ଥିତ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ଦଳଗତ ଭାବେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପୁରୀଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜାତୀୟସ୍ତରର ଆନ୍ତଃ ମହାବିଦ୍ୟାଳୟ ଓ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରରେ ଭିନ୍ନ ଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ନୌସିନ ଫିଜା ଓ ବାଦ୍ୟ ଓ ସଙ୍ଗୀତ ଯନ୍ତ୍ର ବର୍ଗରେ ସୌରଭ କୁମାର ମିଶ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏକକ ଗାୟନ ପ୍ରତିଯୋଗିତାରେ ଶିବାନୀ ସରକାର ଏବଂ ଆଙ୍କର କି ଖୋଜ୍ ପ୍ରତିଯୋଗିତାରେ ସୃତିଶ୍ରୀ ଜେନା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି କୁଇଜ୍ ପ୍ରତିଯୋଗିତାରେ କୁନ୍ଦନ କୁମାର ସିଂହ




କଲେଜ ପରିସରରେ କୃତୀ ପ୍ରତିଯୋଗୀଗଣ।

ଓ ଗୌତମ ଚୌଧୁରୀଙ୍କ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏଥିସହିତ ମହାବିଦ୍ୟାଳୟ ପ୍ରତିଯୋଗୀମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଦଳଗତ ଚାମ୍ପିୟନ ହୋଇଛି। ଶ୍ରୀକ୍ଷେତ୍ର ଅଗ୍ରଣୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ୪ ଦିନ ଧରି ଚାଲିଥିବା ଏହି ଉତ୍ସବ ଯୁବ ପ୍ରତିଭା ଅନ୍ୱେଷଣ ତଥା ଯୁବଗୋଷ୍ଠୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ୨୭ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ସ୍ୱୟଂଶାସିତ ମହାବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗୀମାନେ ରାଉରକେଲା ଫେରିବା ପରେ କଲେଜର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରା କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅଧ୍ୟାପିକା ପ୍ରକାଶ ସାହୁ ଓ ମୋନାଲିସା ସାବତଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି।

## ସଂକ୍ଷେପରେ

### ରାମ ପୂଜନ, ହନୁମାନ ଚାଳିଶା ପାଠ

**ପଡ଼ିଆବାହାଲ,୨୩।୧(ରାଧାମୋହନ ଷଡ଼ଙ୍ଗୀ)**

ବାହାମ ପଞ୍ଚାୟତ ଖଲିଆପାଲି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସଞ୍ଜୀବ ପଣ୍ଡା ଓ ମଞ୍ଜୁଷା ପଣ୍ଡାଙ୍କ କର୍ତ୍ତୃତ୍ୱରେ ରାମ ପୂଜନ, ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସୁଦୀପ୍ତ ନାୟକ, ପଣ୍ଡିତ ବିଦ୍ୟାଭୂଷଣ ନାୟକ, ପଣ୍ଡିତ ହରେଶ ମିଶ୍ର ଓ ଅଜୟ ନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଗୋପାଳମଣି ମିଶ୍ର ବ୍ୟାସ ରୂପେ ସୁନ୍ଦରକାଣ୍ଡ ଓ ଚାଳିଶା ପାଠ କରିଥିଲେ। ପ୍ରକାଶ ସୁପକାର, ସୁଧାଂଶୁ ମହାପାତ୍ର ଓ ସହଯୋଗୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭଜନ କୀର୍ତ୍ତନ କରିଥିଲେ। ହିନ୍ଦୁ ଏକତା ମଞ୍ଚ ଝୁଝୁମୁରା ବ୍ଲକ ସଭାପତି ଦୁଷ୍ମନ୍ତ ମହାପାତ୍ର, ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ପୂର୍ବ ସଭାପତି ବିଜୟ କୁମାର ନାୟକ, ପଡିଆବାହାଲ ଦୁର୍ଗାପୂଜା କମିଟି ଉପଦେଷ୍ଟା ରବିନାରାୟଣ ବେହେରା, ସାମାଜିକ କର୍ମୀ ଡା. ରାଜାରାମ ଷଡ଼ଙ୍ଗୀ, ଭାଜପା କାର୍ଯ୍ୟକର୍ତ୍ତା ଗୋବିନ୍ଦ ନାରାୟଣ ଆଗ୍ରୱାଲା ପ୍ରମୁଖ ଯୋଗଦେଇଥିଲେ ।

### ଆଭାସି ଜରିଆରେ ଭକ୍ତି କବିତା ପାଠୋତ୍ସବ

**ସମ୍ବଲପୁର,୨୩।୧(ଭବାନୀ ଶଙ୍କର ଭୋଇ)**

ଓଡିଆ ମହିଳା ଲେଖିକା ପରିଷଦ ଦିଲ୍ଲୀ ଆନୁକୂଲ୍ୟରେ ବିଶିଷ୍ଟ ଲେଖିକା ଡାକ୍ତର ଅନୀତା ପଣ୍ଡାଙ୍କ ସଭାପତିତ୍ୱରେ ମଙ୍ଗଳବାର ଅଭାସି ଜରିଆରେ ଏକ ବହୁଭାଷୀ ଭକ୍ତିକବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ, ଓଡ଼ିଶା, କର୍ନାଟକ ଆଦି ରାଜ୍ୟରୁ କବିମାନେ ଏହି କାର୍ଯ୍ୟକ୍ରମରେ ସ୍ୱରଚିତ କବିତା ପାଠ କରିଥିଲେ। ଓଡ଼ିଶାରୁ ଗୁରୁ କଲ୍ୟାଣ ମହାପାତ୍ର ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ତାଙ୍କର ଅଭିଭାଷଣ ରଖିଥିଲେ। ସମ୍ବଲପୁରରୁ ଡାକ୍ତର ଗୁଣସାଗର ଦାସ ଓ କବୟିତ୍ରୀ ପଙ୍କଜିନୀ ନାୟକ କବିତା ପାଠ କରିଥିଲେ। ପରିଷଦ ତରଫରୁ ନିବେଦିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବର୍ଷାରେ ପଲ୍ଲିଶ୍ରୀ ମେଳା ବେହାଲ



**ମଥୁରାନଗରୀ,୨୩।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ସ୍ଥାନୀୟ ଜିରା ନଦୀର ନଦୀପଠାରେ ପଲ୍ଲିଶ୍ରୀ ମେଳା ଖୋଲାଯାଇଛି । ଓରମାସ୍ ପକ୍ଷରୁ ଖୋଲା ଯାଇଥିବା ଏହି ମେଳାରେ ଜିଲା ତଥା ଜିଲା ବାହାର ଏସ୍ଏଚଜିଙ୍କ ସମେତ ରାଜ୍ୟ ବାହାର ହସ୍ତଶିଳ୍ପୀମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବା ଆଶା ନେଇ ସାମିଲ ହୋଇଛନ୍ତି। ତେବେ ମେଳାରେ ଅବ୍ୟବସ୍ଥିତ ଢ଼ଙ୍ଗରେ ପ୍ରସ୍ତୁତ ଷ୍ଟଲଗୁଡ଼ିକ ସେମାନଙ୍କ ଆଶାକୁ ଧୂଳିସାତ୍ କରି ଦେଇଛି। ମଙ୍ଗଳବାର ଡୁହାକୁ ଡୁହା ବର୍ଷା ହୋଇଥିଲା। ଏଭଳିସ୍ଥଳେ ଷ୍ଟଲଗୁଡ଼ିକରେ ବର୍ଷା ପାଣି ଲହଡ଼ି ମାରୁଥିବାବେଳେ ବିକ୍ରି ପାଇଁ ସେମାନେ ଆଣିଥିବା ପ୍ରସ୍ତୁତ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ସେମାନେ କହିଛନ୍ତି। କେବଳ ସେତିକି ନୁହେଁ, ସେଠାରେ ପ୍ରଶାସନ ପକ୍ଷରୁ ପାନୀୟଜଳ କିମ୍ବା ପରିସ୍ରାଗାର ବ୍ୟବସ୍ଥା ମଧ୍ୟ ଠିକ୍ ଭାବେ ହୋଇ ନ ଥିବା ଅଭିଯୋଗ ହୋଇଛି। ପଲ୍ଲିଶ୍ରୀ ମେଳାରେ ଏସ୍ଏଚ୍ଜି ମହିଳାମାନେ ସାମିଲ ହେଉଥିବାବେଳେ ଆବଶ୍ୟକ ବ୍ୟବସ୍ଥା ହୋଇ ନ ଥିବା ଯୋଗୁ ହଟହଟା ହେବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଅନ୍ୟପଟେ ବର୍ଷା ଥମିବା ପରେ ବିଭାଗୀୟ କର୍ମଚାରୀମାନେ ଷ୍ଟଲଗୁଡ଼ିକୁ କିଛି ପଟା ପହଞ୍ଚାଇଥିଲେ। ମାତ୍ର ତାହା କେବଳ ଲୋକ ଦେଖାଣିଆଁ ବୋଲି ମହିଳାମାନେ କହିଛନ୍ତି। ଏଭଳି ହେଲେ ଆଗକୁ ପଲ୍ଲିଶ୍ରୀ ମେଳାକୁ କେହି ଆସିବେ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ପୂର୍ବରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ପଲ୍ଲିଶ୍ରୀ ମେଳା ଖୋଲାଯାଉଥିଲା। କିନ୍ତୁ ଗତବର୍ଷଠାରୁ ଏହି ମେଳାକୁ ଜିରା ନଦୀ କୂଳକୁ ସ୍ଥାନାନ୍ତର କରାଯାଇଛି ।

# ସୁରେନ୍ଦ୍ରଙ୍କ ଭଳି ବ୍ୟକ୍ତି ଇତିହାସରେ ବିରଳ

**ସମ୍ବଲପୁର,୨୩।୧(ଭବାନୀ ଶଙ୍କର ଭୋଇ)**

ପ୍ରତିକୂଳ ପାଗ ସତ୍ତ୍ୱେ ମଙ୍ଗଳବାର ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୂଚନା ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଏବଂ ସାଂସ୍କୃତିକ ସମାଜର ସଭାପତି ଅଶୋକ କୁମାର ମିଶ୍ରଙ୍କ ଉପସ୍ଥିତିରେ ଜେଲଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତାଙ୍କ ସଂଯୋଜନାରେ ବିଭିନ୍ନ ବିଦ୍ୟାଳୟର ଏକହଜାର ଛାତ୍ରୀଛାତ୍ରଙ୍କୁ ନେଇ ପଥସଞ୍ଚଳନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଏନ୍ସିସି ବର୍ଗରେ ଗୁରୁନାନକ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ,ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାସହ ଗାଇଡ ଓ ସ୍କାଉଟ୍ ବର୍ଗରେ ନୃସିଂହ ଗୁରୁ ଟାଉନ ହାଇସ୍କୁଲ, ଲେଡିଲୁଇସ ବାଳିକା ବିଦ୍ୟାଳୟ, ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପଥସଞ୍ଚାଳନରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଗୁରୁନାନକ ପବ୍ଲିକ ସ୍କୁଲ ପୁରସ୍କୃତ ହୋଇଥିଲା।



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ବୃନ୍ଦ।

ଅପରାହ୍ନରେ ଓଡିଶା ସାଂସ୍କୃତିକ ସମାଜର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ, ବୀର ସୁରେନ୍ଦ୍ର ତାଙ୍କ ପଞ୍ଚସ୍ତରୀ ବର୍ଷର ଜୀବନକାଳରୁ ୩୭ବର୍ଷ କାଳ ବନ୍ଦୀ

#### ଦେଶ ବାହାରେ ସଙ୍ଗଠନ କରିଥିଲେ ସୁଭାଷ ବୋଷ

ଭାବରେ ବିତାଇଥିଲେ। ଏଭଳି ବ୍ୟକ୍ତି ଇତିହାସରେ ବିରଳ। ସୁଭାଷ ବୋଷ ମଧ୍ୟ ଦେଶ ବାହାରେ ସ୍ୱାଧୀନତା ପାଇଁ ସଂଗଠନ ତିଆରି କରିପାରିଥିଲେ ବୋଲି କହିଥିଲେ। ମଞ୍ଚାସୀନ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର କହିଥିଲେ, ବୀର ସୁରେନ୍ଦ୍ରଙ୍କୁ ଜାତୀୟ ସ୍ତରରେ ଯେଭଳି ସମ୍ମାନ ମିଳିବା କଥା ତାହା ମିଳି ପାରିନାହିଁ। ଆମେ ସେଥିପାଇଁ ପ୍ରୟାସ କରିବା ଉଚିତ ବୋଲି ସେ ମତ ଦେଇଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିବା ବେଳେ ସଭ୍ୟ ଡ. ସତ୍ୟନାରାୟଣ ଠାକୁର ପଥସଞ୍ଚଳନ ପ୍ରତିଯୋଗିତାର ବିବରଣୀ ଉପସ୍ଥାପନ କରିଥିଲେ। ସହସମ୍ପାଦକ ସବ୍ୟସାଚୀ ମିଶ୍ର ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବୀର ସୁରେନ୍ଦ୍ର ସାଏଙ୍କ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ଶିବନାରାୟଣ ପାଣିଗ୍ରାହୀ ଓ ସୂର୍ଯ୍ୟ ପାଣିଗ୍ରାହୀ, ସଭ୍ୟ ବୋଧରାମ ଦାଶ, ଲଳିତ ବେବର୍ତ୍ତା, ପ୍ରଶାନ୍ତ ପାଟଯୋଶୀ, ଗୋପାଳ ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟ୍ରକ୍ ଚାଳକଙ୍କୁ ଆକ୍ରମଣ: ୪ ଗିରଫ



ଗିରଫ ୪ ଅଭିଯୁକ୍ତ।

**କୁଚିଣ୍ଡା,୨୩।୧(ବିରଞ୍ଚି ଦର୍ଚ୍ଚା)**

ଜମନକିରା ଥାନା ୫୩ନଂ. ଜାତୀୟ ରାଜପଥ ଜମନକିରା ବାଇପାସ୍ ରାସ୍ତାରେ ସୋମବାର ନାଗପୁରରୁ କୋଲକାତା ଫେରୁଥିବା ଏକ ଟ୍ରକ୍ (ନଂ–ଡବ୍ଲ୍ୟୁବି.୨୩ଇ–୮୬୮୬) ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ପୂର୍ବତନ ହେଲପରଙ୍କ ସମେତ ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୁଚିଣ୍ଡା ଏସ୍ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ଜଡିତ ଅନ୍ୟତମ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଜମନକିରା ଥାନା ଟିଙ୍କିବାର ହେମାନନ୍ଦ ପ୍ରଧାନ(୨୭), ଜମନକିରା ହନୁମାନପଡାର ସୀତାରାମ ପଲେଇ(୨୩), ମଲଟିକ୍ରାର ଜିତେନ୍ଦ୍ର ବାଘ(୨୦) ଓ ପଣ୍ଟପଥରର ଯୁବରାଜ ମହାକୁଳ (୨୩)। ପଞ୍ଜାବ ପ୍ରଦେଶ ତରମତରଣ ଜିଲା ଚାୱାଲ ଥାନା ଗୋଗୋବୁଆର ଟ୍ରକ୍ ଡ୍ରାଇଭର ରାମପାଲ ସିଂ(୩୪)ଙ୍କ ରିପୋର୍ଟ ଆଧାରରେ ପୋଲିସ ଜମନକିରା ଥାନାରେ ଆଇପିସି ୨୯୪/୩୪୧/ ୩୨୩/ ୩୨୪/୫୦୬/୩୦୭/୩୪ରେ ମାମଲା (ନଂ.୧୩/୨୪) ରୁଜୁ କରିଛି। ପୋଲିସ ଅଭିଯୁକ୍ତମାନେ ବ୍ୟବହାର କରିଥିବା ୨ଟି ବାଇକ୍ (ନଂ–ଓଡି୧୫ଏକ୍ସ– ୬୦୯୯) ଓ (ନଂ. ଓଆର ୧୯ଜେ–୧୫୯୩)କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଟ୍ରକ ଡ୍ରାଇଭର ସିଂ ସୋମବାର ନାଗପୁରରୁ ଫେରୁଥିବା ବେଳେ ଜମନକିରା ବାଇପାସ ରାସ୍ତାରେ ତାଙ୍କ ଟ୍ରକ୍ରେ କାମ କରୁଥିବା ପୂର୍ବତନ ହେଲପର ହେମାନନ୍ଦ ତାଙ୍କ ୪ଜଣ ସହଯୋଗୀଙ୍କ ସହ ଗାଡ଼ି ଅଟକାଇ ଏକ ଲୁହା ରଡରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବା ପରେ ସୋମବାର ଜମନକିରା ଥାନାରେ ଲିଖିତ ରିପୋର୍ଟ କରିଥିଲେ। ଆଇଆଇସି ପଦ୍ମାଳୟା ସାହୁଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

## ଲୁଟିନେଲେ ଦେବୀଙ୍କ ଅଳଙ୍କାର, ଟଙ୍କା

**ସମ୍ବଲପୁର,୨୩।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ବହିଦାର ନୂଆପାଲି ନିକଟରେ ଥିବା କାମାକ୍ଷା ଦେବୀଙ୍କ ମନ୍ଦିରରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ମା'ଙ୍କ ଅଳଙ୍କାର ସହ ହୁଣ୍ଡିଭାଙ୍ଗି ଦାନଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ମନ୍ଦିର ସଫେଇ କର୍ମଚାରୀ ଭୋର ୫ଟାରେ ମନ୍ଦିରର ସହଯୋଗୀ ପୂଜକ ଶୁଭଙ୍କର ଦେହୁରିଙ୍କୁ ଉଠାଇ ତାଲା ଖୋଲିବାକୁ କହିଥିଲେ। ହେଲେ ତାଲା ଭଙ୍ଗାଯାଇଥିବା ସେମାନେ ଦେଖିବା ପରେ ମନ୍ଦିରରୁ ଚୋରି ହୋଇଥିବା ସନ୍ଦେହ କରି ମୁଖ୍ୟ ପୂଜକ ଜୟଗୋପାଳ ସୁଆରଙ୍କୁ ଖବର ଦେଇଥିଲେ। ଜୟଗୋପାଳ ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ସାହୁ ଓ ସମ୍ପାଦକ ନିର୍ମଳ ମାଇତିଙ୍କୁ ଫୋନରେ ଜଣାଇବା ସହ ୧୧୨କୁ ଫୋନ କରିଥିଲେ। ଫୋନ ପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମନ୍ଦିରରୁ ମା'ଙ୍କ ସ୍ୱର୍ଣ୍ଣ ଅଳଙ୍କାର ଓ ହୁଣ୍ଡି ଭଙ୍ଗାଯାଇଥିବା ଦେଖି ସଭାପତି ସାହୁ ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଦୁର୍ବୃତ୍ତଙ୍କ ମୁହଁ ଘୋଡାଇ ହୋଇଥିବାବେଳେ ରାତି ୩ଟା୧୫ରେ ସେମାନେ ମନ୍ଦିର ତାଲା ଭାଙ୍ଗି ପଶୁଥିବା ଜଣାପଡିଥିଲା। ସେମାନେ ପ୍ରଥମେ ଗର୍ଭଗୃହକୁ ପଶି ସେଠାରୁ ମା'ଙ୍କ ସ୍ୱର୍ଣ୍ଣଅଳଙ୍କାର ଚୋରି କରିବା ପରେ ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଚୋରି କରିନେଇଛନ୍ତି। ଏହାପରେ ସେମାନେ ମନ୍ଦିର ରୋଷେଇ ଘରକୁ ଯାଇ ପୂଜକ ରଖିଥିବା ୨୫ ଶହ ଟଙ୍କା ମଧ୍ୟ ଚୋରି କରି ନେଇଛନ୍ତି। ପୋଲିସ ସିସିଟିଭି ଫୁଟେଜ ଓ ସାଇଣ୍ଟିଫିକ ଟିମ୍ର ତଥ୍ୟକୁ ଆଧାର କରି ଘଟଣାର ଅଧିକ ତଦନ୍ତ କରୁଥିବା ଅଇଁଠାପାଲି ଥାନା ଅଧିକାରୀ ସନୟ ନାୟକ କହିଛନ୍ତି।

**କାମାକ୍ଷା ଦେବୀ ମନ୍ଦିର**



ମା' କାମାକ୍ଷା ଦେବୀ।

### ବିଜେଡି ପୁରୁଣା କର୍ମୀଙ୍କ ବୈଠକ

**ସମ୍ବଲପୁର,୨୩।୧(ବି.ଶଙ୍କର)**

ସମ୍ବଲପୁର ବିଜେଡି ପୁରୁଣା କର୍ମୀମାନଙ୍କ ବୈଠକ ମଙ୍ଗଳବାର ସେନ ପାର୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ଗୋକୁଳ ମେହେରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ପ୍ରାରମ୍ଭରେ ଆବାହକ ମହମ୍ମଦ ସନାଉଲ୍ଲା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ କର୍ମୀମାନେ ଆଲୋଚନାରେ ଭାଗନେଇ ଦଳର ଆଭିମୁଖ୍ୟ ଉପରେ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ରାଜ୍ୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତପନ ଗୁରୁ, ମହମ୍ମଦ ଜାଫର ଖାଁ, ଆଶୁତୋଷ ପଣ୍ଡା, ଅଶୋକ ପଟେଲ, ରବି ନନ୍ଦ, ବିଦେଶୀ ସାନବଡ, ଗୋପାଳ ପୃଷେଠ, ମହମ୍ମଦ ଅଜିମ ଅଞ୍ଜୁ, ବିଜୟ ଅଜମେରିୟା, ଅଶ୍ୱିନୀ ସାହୁ, ମହମ୍ମଦ ଇଶାକ, ପ୍ରହ୍ଲାଦ ଗୁରୁ, ଟିକେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପରାକ୍ରମ ଦିବସ

**ସମ୍ବଲପୁର,୨୩।୧ (ଭବାନୀ ଶଙ୍କର ଭୋଇ)**

ବୁର୍ଲାସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ–୨ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏହି କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଅବସରପ୍ରାପ୍ତ ସହାୟକ ଆୟୁକ୍ତ ଏସ୍ଡି ସାହୁ ମୁଖ୍ୟ ଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ନରେଶ ମହାଲିଙ୍ଗ, ଡିଏଭିର ଚିତ୍ରକଳା ଶିକ୍ଷକ ଶଶଧର ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମ ଉପରେ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କଳା ଶିକ୍ଷକ ସରୋଜ କୁମାର ଦଳାଇ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଡିଏଭି ବୁର୍ଲାରେ ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ




ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ନାଟକ ପରିବେଷଣ କରୁଛନ୍ତି।

**ସମ୍ବଲପୁର,୨୩।୧ (ଭବାନୀ ଶଙ୍କର ଭୋଇ)**

ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ମଙ୍ଗଳବାର ଦେଶର ଦୁଇ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମି ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ବରପୁତ୍ରଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷକ ଦେବେଶ ପ୍ରସାଦ ହୋତା ନେତାଜୀ ଏବଂ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ବୀରପୁରୁଷଙ୍କ ଅମରଗାଥା ଉପସ୍ଥାପନ କରିଥିଲେ। ଉତ୍ସବରେ ଗୋଦାବରୀ ହାଉସର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ରାଉତରାୟ ସ୍ୱରଚିତ ଦେଶାତ୍ମବୋଧ କବିତା ପାଠ କରିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ମଶାଲ ଶୋଭାଯାତ୍ରା

**ସମ୍ବଲପୁର,୨୩।୧(ବି.ଶଙ୍କର):** ପ୍ରୋଗ୍ରେସିଭ ସମ୍ବଲପୁର ଓ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ପକ୍ଷରୁ ମଙ୍ଗଳବାର ଜେଲ ଛକ ନିକଟସ୍ଥ ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ସଙ୍ଗଠନର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା କରାଯାଇ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ ସ୍ମୃତି ଚାରଣ କରାଯାଇଥିଲା। ପୂର୍ବତନ ଏସ୍ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ଶ୍ରମିକ ନେତା ଗୋକୁଳ ମେହେର, ବିଜେଡ଼ି ଜିଲା ଉପଦେଷ୍ଟା ରାଜ କିଶୋର ଦାସ, ବରିଷ୍ଠ ଖବରଦାତା ରାଜାରାମ ପାଢ଼ୀ, କୃଷକ ନେତା ସରୋଜ, ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ସଭାପତି ରାଜେଶ ରାଜ ସ୍ୱାଇଁ, ଛାତ୍ର ବିଜେଡ଼ି ଜୋନ ସଭାପତି ମିଳନ ହୋତା, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ଧିରେନ ଦେବତା, ଜିଲା ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଛାତ୍ର ନେତା ଚୁମନ ପ୍ରଧାନ, ସନ୍ଧ୍ୟାରାଣି ପାଢ଼ୀ, ସୁପ୍ରିୟା ଅଦାବର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




## ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେପକାଇଲେ

**ରେଙ୍ଗାଲି/କୁଚିଣ୍ଡା/ନାକଟିଦେଉଳ,୨୩।୧ (ଦେବବ୍ରତ ପଣ୍ଡା/ବିରଞ୍ଚି ଦର୍ଚ୍ଚା/ବୈକୁଣ୍ଠ ନାଥ ସାହୁ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ବୀରଭୂମି ଖିଣ୍ଡାଠାରେ ମଙ୍ଗଳବାର ବୀର ସୁରେନ୍ଦ୍ର ସାଏଙ୍କ ୨୧୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଉତ୍ସବରେ ଜଳ ସମ୍ପଦ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ରେଙ୍ଗାଲି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଯୁବ ବିଜେଡି ନେତା ବିଶାଳ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗାନ୍ଧୀ ବେହେରା, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ରେଙ୍ଗାଲି ଜୋନ୍ ୧ ଜିଲା ପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ, ରୀନା ତନ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ଡ. ଗୌରୀଦାସ ପଧାନ ମଞ୍ଚ ପରିଚାଳନା କରିଥିବା ବେଳେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ରେଙ୍ଗାଲି ବିଧାୟକ ନାଉରି ନାୟକ ପ୍ରମୁଖ ଖିଣ୍ଡା ଗ୍ରାମକୁ ଆସି ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କୋଶଳ କ୍ରାନ୍ତି ଦଳ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୁରେନ୍ଦ୍ର ସାଏ ସ୍ମୃତି ସଂସଦ କାର୍ଯ୍ୟକାରୀ ସଭାପତି ପୀତାମ୍ବର ବିଶ୍ୱାଳଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବାମରା ବ୍ଲକ ଅନ୍ତର୍ଗତ କେନ୍ଦୁପାଣି ଏସ୍ପିଏସ୍ ସ୍କୁଲରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କମଳଲୋଚନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବାମଣ୍ଡା ସାଂସ୍କୃତିକ କମିଟି କର୍ମକର୍ତ୍ତା, ପୁରାତନ ଛାତ୍ରସଂସଦ ଓ ସ୍ୱଚ୍ଛ ଭାରତ କମିଟି କର୍ମକର୍ତ୍ତା ଯୋଗଦେଇ ଉଭୟ ଦିବଂଗତ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିଗଣ ଉଭୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ନାକଟିଦେଉଳ ବ୍ଲକ ସରାପାଲିର ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଧୀରେନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁଇ ବରପୁତ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଞ୍ଜବନ ମଠର ମଠାଧୀଶ ବାବା ପ୍ରଫୁଲ୍ଲ ଦାସ, ସରାପାଲି ସରପଞ୍ଚ ଶିବାନୀ ବାରିକ, ସମିତି ସଭ୍ୟା ନିରୁପମା ନାୟକ ପ୍ରମୁଖ ଯୋଗଦେଇଥିଲେ। ଯୁବକ ସଂଘର ସଭ୍ୟ ପ୍ରଦୀପ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ରେଙ୍ଗାଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଶୋଷଣବିହୀନ ସମାଜ ଗଠନ ପାଇଁ ଶପଥ

**କୁଚିଣ୍ଡା,୨୩।୧(ବିରଞ୍ଚି ଦର୍ଚ୍ଚା)**

ବାମରା ବ୍ଲକ କୁଟାରୀମାଲଠାରେ ସ୍ୱାଧୀନତା ସଂଗ୍ରାମୀ ଓ ଧର୍ମନିରପେକ୍ଷତାର ପ୍ରତୀକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ବାମରା ବ୍ଲକର ଏଆଇୟୁଟିୟୁସି ଓ କୃଷକ ସଂଗଠନ ମିଳିତ ଆନୁକୂଲ୍ୟରେ କୁଟାରୀମାଲ ରାଜୀବ ଭବନଠାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଚାଷୀନେତା ଲକ୍ଷ୍ମୀନାରାୟଣ ଛତ୍ରିଆ ସଭାପତିତ୍ୱ କରିଥିଲେ। ଏଥିରେ ବାମରା ଟ୍ରଷ୍ଟ ଫଣ୍ଡ କଲେଜ ଅଧ୍ୟାପକ ପଦ୍ମନାଭ ପାଣ୍ଡେ ମୁଖ୍ୟ ଅତିଥି, ଶ୍ରମିକ ନେତା ବିଷ୍ଣୁ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ ଶୋଷଣବିହୀନ ସମାଜର ଗଠନ ପାଇଁ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଏହାଛଡା ଛାତ୍ର ଓ ଯୁବ ସମାଜ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏଆଇୟୁଟିୟୁସିର ହରିହର ଟପ୍ପୋ,ଏଆଇଡିୱାଇଓର ମମତା ମହାନନ୍ଦ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ଶତାଧିକ ଶ୍ରମିକ, ଚାଷୀ, ଛାତ୍ର, ଯୁବକ ଓ ମହିଳା ଯୋଗଦେଇ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ମଶାଣିରୁ ମୃତଦେହ ଜବତ କଲା ପୋଲିସ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କଣ୍ଟାବାଞ୍ଜି, ୨୩।୧ (ଗୁରୁ ଦୟାଲ ହଂସ)**

ପରିବାର ଲୋକେ ଜଣେ ଯୁବକଙ୍କ ମୃତଦେହ ସତ୍କାର ପାଇଁ ନେଇଥିବା ବେଳେ ପୋଲିସ ମୃତଦେହକୁ ମଶାଣିରୁ ଜବତ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ବେହେରେନସିଲେଟ ଗାଁରେ ମଙ୍ଗଳବାର ଏଭଳି ଘଟଣା ଘଟିଛି। ପ୍ରକାଶ ଯେ, କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ବେହେରେନସିଲେଟ ଗାଁରେ ମଙ୍ଗଳବାର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା । ମୃତ ଯୁବକ ହେଲେ ବିନୋଦ ଚିନାଗୁନ (୧୮) । ତେବେ ଅପରାହ୍ନରେ ପରିବାର ଲୋକେ ଗାଁ ମଶାଣିରେ ଅନ୍ତିମ ସତ୍କାର କରିବା ବେଳେ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା । ମୃତ ଯୁବକଙ୍କ ବାପା ଦିବା ଚିନାଗୁନଙ୍କ କହିବା ଅନୁସାରେ, ପୁଅ ବିନୋଦ ମାନସିକ ବିକାରଗ୍ରସ୍ତ ଥିବା ବେଳେ ଗାଁରେ ଅଧିକାଂଶ ସମୟ ବୁଲାବୁଲି କରୁଥିଲେ। ସୋମବାର ରାତିରେ ସେ ଖାଇସାରି ଶୋଇଥିବା ବେଳେ ସକାଳେ ତାଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ମିଳିଥିଲା। କିନ୍ତୁ ପରିବାର ଲୋକ ଗାଁ ମଶାଣିକୁ ନେଇଥିବା ବେଳେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଲାଗି ମୃତଦେହ ଜବତ କରିଥିଲା । ମୃତଦେହ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନା ପଠାଯାଇଛି। ଏ ନେଇ ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ପଚାରିବାରୁ ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ନିଜ ଘରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ କ୍ରମେ ମୃତଦେହ ଜବତ କରାଯାଇଛି । ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା (୧/୨୦୨୪) ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

### ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ

**ଦେଓଗାଁ, ୨୩।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଅବସରରେ ଜଗନ୍ନାଥ ସଂସ୍କୃତି ଏବଂ ଐତିହ୍ୟ ଉପରେ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ହେମନ୍ତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାନ୍ତନୁ ମିଶ୍ର ପ୍ରବଚକ ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଭାବେ ଅଧ୍ୟାପକ ବିଜୟ କୁମାର ଜାଲ, ବଳରାମ ପଧାନ, ଶ୍ରୀମଙ୍ଗଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମନୋଜ ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ପୁଷ୍‌ପୁନିକୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା ଦାବି

**ବଲାଙ୍ଗୀର, ୨୩।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ୨୫ ତାରିଖରେ ସାରା କୋଶଲାଞ୍ଚଳରେ ପୁଷପୁନି ତିହାର ପାଳିତ ହେବ। ପୁଷପୁନି ପର୍ବ କୋଶଲାଞ୍ଚଳର ଅନ୍ୟତମ କୃଷିଭିତ୍ତିକ ଗଣପର୍ବ । ତେଣୁ କୋଶଲାଞ୍ଚଳର ଦୁଇ କୋଟି ଅଧିବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହି ଦିନକୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା କରନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଦାବି କରିଛନ୍ତି। ରଜ, ଦୋଳ ଭଳି ଉପକୂଳ ଓଡ଼ିଶାର ପର୍ବପର୍ବାଣୀକୁ ରାଜ୍ୟସ୍ତରୀୟ ଛୁଟି ବୋଲି ଘୋଷଣା କରୁଥିବା ବେଳେ ପୁଷପୁନିରେ ଛୁଟି ଘୋଷଣା କରାଯାଉନାହିଁ। ଏ ନେଇ କୋଶଲାଞ୍ଚଳର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କୋଶଲବାସୀ ଓ କୋଶଲାଞ୍ଚଳର ନିର୍ବାଚିତ ରାଜନେତା ତଥା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ସଙ୍ଗଠନ ସମ୍ମିଳିତ ଭାବେ ଏ ନେଇ ପ୍ରତିକ୍ରିୟା କରନ୍ତୁ ବୋଲି ମିଶ୍ର ଆହ୍ୱାନ କରିଛନ୍ତି।

# ୬ ଦାଦନ ଶ୍ରମିକ ଉଦ୍ଧାର

**■ ଖପ୍ରାଖୋଲ ପୋଲିସର ଚଢ଼ାଉ**
**■ ବୋଲେରୋ ଜବତ**

**ଖପ୍ରାଖୋଲ, ୨୩।୧ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଚଢାଉ କରି ୬ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି। ଏହାଛଡା ସେମାନଙ୍କ ସହ ଥିବା ୩ ଶିଶୁଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାରେ ଜଣେ ମଧ୍ୟସ୍ଥିକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ, ସୋମବାର ରାତିରେ ଖପ୍ରାଖୋଲ ପୋଲିସ ପୁଟୁଲାମହୁଲ ଗାଁ ନିକଟରେ ପାଟ୍ରୋଲିଂ କଲା ବେଳେ ଏକ ବୋଲେରୋରେ ଶ୍ରମିକ ଯାଉଥିବା ଦେଖି ସନ୍ଦେହ କରି ଗାଡି ଅଟକାଇ ପଚରାଉଚରା କରିଥିଲେ। ପଚରାଉଚରା ବେଳେ ଶ୍ରମିକମାନଙ୍କୁ ତେଲେଙ୍ଗାନାର ୱାରଙ୍ଗଲକୁ ଇଟା କାମ ପାଇଁ ବେଆଇନ ଭାବରେ ଚାଲାଣ କରାଯିବା ଜାଣି ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମସ୍ତ ଶ୍ରମିକ ପୁଟୁଲାମହୁଲ ଗାଁର ବୋଲି ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୨୮/୨୪ରେ ଏକ ମାମଲା ରୁଜୁ ହୋଇଛି। ଶ୍ରମିକ ଚାଲାଣ ପାଇଁ ବ୍ୟବହୃତ ବୋଲେରୋ (ନଂ ଓଆର୦୮ଏଫ ୧୨୬୬)କୁ ପୋଲିସ ଜବତ କରିଛି । ଏଥିସହ ମଧ୍ୟସ୍ଥି ମହରାପଦର ପଞ୍ଚାୟତ ବାଘଝରଣ ଗାଁର ଗୁରୁଦେବ ବାରିକ (୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।



ଉଦ୍ଧାର ଶ୍ରମିକ।

# ସାନଟିକା ସ୍କୁଲରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

**ଲୋଇସିଂହା, ୨୩।୧ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାନଟିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ରାତିରେ ଚୋରି ହୋଇଛି। ସ୍କୁଲର ଅଫିସ କାର୍ଯ୍ୟାଳୟର ହୁକ ଏବଂ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମଧ୍ୟାହ୍ନ ଭୋଜନ ଚାଉଳ,ଏକ ଟିଭି ଏବଂ ଇଣ୍ଡକସନ୍ କୁକର ଚୋରି କରି ନେଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ସ୍କୁଲକୁ ଯାଇ ତଦନ୍ତ କରି ଫେରିଛି। ପ୍ରକାଶ ଯେ, ସୋମବାର ଅଯୋଧାରେ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ଅପରାହ୍ନ ଅଢେଇଟା ଯାଏଁ ସ୍କୁଲ ବନ୍ଦ ଥିଲା। ଅପରାହ୍ନରେ ପ୍ରଧାନଶିକ୍ଷକ ଖେଦୁ ମେହେର ଓ ଅନ୍ୟମାନେ ସ୍କୁଲ ଆସିଥିଲେ । ପରେ ଅଫିସର ତାଲା ବନ୍ଦ କରି ଯାଇଥିଲେ । ମଙ୍ଗଳବାର ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଥିବାରୁ ସକାଳୁ ପ୍ରଧାନଶିକ୍ଷକ ମେହେର ଓ ଷ୍ଟାପ ସ୍କୁଲ ଆସିଲା ପରେ ଅଫିସ୍ ଏବଂ ସ୍କୁଲର ପୁରୁଣା କୋଠରୀର ତାଲା କଟା ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ପରିଚାଳନା କମିଟି ଏବଂ ଗ୍ରାମବାସୀକୁ ଅବଗତ କରିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଅଫିସକୁ ପଶିବା ପରେ ସ୍କୁଲକୁ ଯୋଗାଣ ହୋଇଥିବା ଟିଭି, ଇଣ୍ଡକସନ କୁକର ଓ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଗଚ୍ଛିତ ଥିବା ୧୪ ପ୍ୟାକେଟ ଚାଉଳରୁ ୯ ପ୍ୟାକେଟ ଚୋରି ହୋଇଥିବା ଜଣାପଡିଥିଲା। ଚୋରି ଚାଉଳ ପରିମାଣ ସାଢେ ୪ କୁଇଣ୍ଟାଲ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏସ୍ଆଇ ରୀନାକାନ୍ତି ଡୁମ୍‌ଡୁମ ଏବଂ ପୋଲିସ କର୍ମଚାରୀ ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ପୋଲିସ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ସ୍କୁଲର ରୋଷେୟା ଓ ପରିଚାଳନା କମିଟି ସଭ୍ୟଙ୍କୁ ପଚରାଉଚରା କରି ଫେରିଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସେଠ ସ୍କୁଲ ଯାଇଥିବା ବେଳେ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ।


ଚୋରି ପରେ ବଳକା ମଧ୍ୟାହ୍ନ ଭୋଜନ ଚାଉଳ।

### ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଖପ୍ରାଖୋଲ, ୨୩।୧ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାଠାରୁ ତିନି କିମି ଦୂର ହରିଶଙ୍କର ଛକଠାରେ ନିର୍ମିତ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ବେଦ ମନ୍ତ୍ର, ହୋମ ଯଜ୍ଞ, ନାମ ସଙ୍କୀର୍ତ୍ତନ, ସୁନ୍ଦରା କାଣ୍ଡ ପାରାୟଣ ସହ ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ଉଦ୍‌ଯାପନୀ ପରେ କଳସ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଓ ଶ୍ରଦ୍ଧାଳୁମାନେ କଳସ ନେଇ ଖପ୍ରାଖୋଲ ସରକାରୀ କଟାରେ ଭସାଇ ଥିଲେ। ପୂଜା କର୍ତ୍ତା ରୂପେ ଉପେନ୍ଦ୍ର ଭୋଇ ସସ୍ତ୍ରିକ ନିୟୋଜିତ ହୋଇଥିବା ବେଳେ ଷୋହଳ ପ୍ରହର ନାମ ସଙ୍କୀର୍ତ୍ତନରେ କର୍ତ୍ତା ରୂପେ ନାରାୟଣ ଦଣ୍ଡସେନା ସସ୍ତ୍ରିକ ଦାୟିତ୍ୱ ତୁଲାଇଥିଲେ। ପୂଜକ ରୂପେ ପଣ୍ଡିତ ରମେଶ ଦାଶ, ସହଦେବ ମିଶ୍ର, ଯୁବରାଜ ତ୍ରିପାଠୀ, ଫାଲଗୁନୀ ଦାଶ, ସନ୍ତୋଷ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, କାହ୍ନା ଦାଶ ନିୟୋଜିତ ହୋଇଥିଲେ। ଆୟୋଜକ କମିଟି ବଜରଙ୍ଗ ବଳି ଟ୍ରଷ୍ଟର ସଭାପତି ପ୍ରମୋଦ ବାଗ, ସମ୍ପାଦକ ସଞ୍ଜୟ ବାରିକ ଓ କୋଷାଧ୍ୟକ୍ଷ କାହ୍ନୁ ଥନାପତି, ନାରାୟଣ ଦଣ୍ଡସେନା, ସନ୍ତୋଷ ଗଡତିଆ, ହରିବୋଲ ଦାସ, ବୁଲୁ ପଣ୍ଡା, ରାଜାରାମ ବେହେରା, ପୁରାନ ସାହୁ, ବାଦଲ ଦଣ୍ଡସେନା, ଗୋପାଳ ମେହେର, ଚଇତୁ ଛୁରା, ସନ୍ତୋଷ ବାଗ, ଡୋଳାମଣି ସାଣ୍ଡ ପ୍ରମୁଖ ସହଯୋଗ କରିଥିଲେ । ଖପ୍ରାଖୋଲ, ମହୁରୁଣ୍ଡି, ଚାଉଳବାଞ୍ଜି, କପସିପାଲି, ଗୁଣ୍ଡୁରୁପାଲି, ଭେଲୁଆଖୋଲ ଗ୍ରାମ ସମେତ ଆଖପାଖ ଗାଁର ଜନସାଧାରଣ ସାମିଲ ହୋଇଥିଲେ । ୨୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ଦଳ ଭାଗ ନେଇଥିଲେ ।

# ଦେଶପ୍ରେମ ଓ ମାତୃଭୂମି ପାଇଁ ବଳିଦାନ ପ୍ରେରଣା ଯୋଗାଇବ



ବଲାଙ୍ଗୀର ଗୋଁଣ୍ଡୱାନା ଭବନଠାରେ ଆୟୋଜିତ ବୀର ସୁରେନ୍ଦ୍ର ସାଏ ଜୟନ୍ତୀରେ ମଞ୍ଚାସୀନ ଅତିଥି।

**ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ**

**ବଲାଙ୍ଗୀର, ୨୩।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଆଦିବାସୀ କର୍ମଚାରୀ ସଂଘ ଓ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଆନୁକୂଲ୍ୟରେ ମଙ୍ଗଳବାର ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସ୍ଥାନୀୟ ଗୋଁଣ୍ଡୱାନା ଭବନଠାରେ ପାଳିତ ହୋଇଥିଲା। ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ଅର୍ପଣ କରିଥିଲେ। ପୌରାଞ୍ଚଳ ସଭାପତି ଦଇତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ପ୍ରଦୀପ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ସମ୍ପାଦକ ଗଣେଶ ମାଝି ଓ ସମ୍ମାନିତ ଅତିଥି ଭାବେ ଜିଲା ସହସମ୍ପାଦକ ଦାଶରଥି ଭୋଇ, ସଭ୍ୟ ଧନଞ୍ଜୟ କୁମାର ରାଏ ଯୋଗ ଦେଇଥିଲେ। ଅତିଥିମାନେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶପ୍ରେମ ତଥା ମାତୃଭୂମି ପାଇଁ ତାଙ୍କ ବଳିଦାନ ଯୁବଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ। କୌଶଲ୍ୟା କୁମୁରା, ଗାୟତ୍ରୀ ଭୋଇ, ଝରଣା ରାନୀ ବାଗସିଂ ମଧ୍ୟ ବକ୍ତବ୍ୟ ରଖିଥିଲେ। ବଲାଙ୍ଗୀର ଆଦିବାସୀ କର୍ମଚାରୀ ସଂଘ ସହସମ୍ପାଦକ ମୀନକେତନ ମାଝି ସଭା ପରିଚାଳନା କରିଥିଲେ। ରାମ ମଲ୍ଲିକ, ଘନଶ୍ୟାମ ପୂଝାରୀ, ଉମେଶ ଚନ୍ଦ୍ର ନାଏକ, ପ୍ରମୋଦ ମଲ୍ଲିକ, କୃଷ୍ଣଚନ୍ଦ୍ର ଧରୁଆ ସହଯୋଗ କରିଥିଲେ।

### ରୋଟାଭେଟର ସହ ଟ୍ରାକ୍ଟର ଇଞ୍ଜିନ ଚୋରି

**ଲୋଇସିଂହା, ୨୩।୧ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ଡୁଡୁକା ଗ୍ରାମରୁ ରୋଟାଭେଟର ସହ ଏକ ଟ୍ରାକ୍ଟର ଇଞ୍ଜିନ ଚୋରି ହୋଇଛି। ଏନେଇ ଟ୍ରାକ୍ଟର ମାଲିକ ଫିରୋଜ ପଟେଲ ଆଗଲପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଡୁଡୁକା ଗ୍ରାମର ଫିରୋଜ ତାଙ୍କ ଟ୍ରାକ୍ଟର(ନଂ. ଓଡି୦୩ କେ ୮୮୧୦) ଇଞ୍ଜିନରେ ଲାଗିଥିବା ରୋଟାଭେଟରକୁ ଘର ସମ୍ମୁଖରେ ରଖିଥିଲେ। ହେଲେ ସୋମବାର ସକାଳେ ତାହା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସୂଚନାଯୋଗ୍ୟ, କିଛି ବର୍ଷ ପୂର୍ବରୁ ଏହି ଗାଁରୁ ଏକ ବୋଲେରୋ ଚୋରି ହୋଇଥିଲା। ବାରମ୍ବାର ଚାରିଚକିଆ ଯାନ ଚୋରି ହେଉଥିବାରୁ ଗାଡିମାଲିକ ଏବଂ ସ୍ଥାନୀୟ ଅଧିବାସୀ ଆତଙ୍କିତ ହୋଇ ପଡିଛନ୍ତି।

# ବିକାଶ କାର୍ଯ୍ୟ ଅଟକିବ ନାହିଁ: ନରସିଂହ


ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ନରସିଂହ ମିଶ୍ର ଓ ଅନ୍ୟ ଅତିଥି।

**ଫଟକରା, କୁଟୁମଡ଼ୋଲାରେ ଦୁଇଟି ସୁଉଚ୍ଚ ସେତୁର ଭିତ୍ତିପ୍ରସ୍ତର**

**ବଲାଙ୍ଗୀର, ୨୩।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଫଟକରା ଓ କୁଟୁମଡୋଲାଠାରେ ଦୁଇଟି ସୁଉଚ୍ଚ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମଙ୍ଗଳବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏହି ସୁଉଚ୍ଚ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ମିଶ୍ର କହିଥିଲେ ଯେ, ୧୯୯୦ ମସିହାରେ ସେ ଆଇନମନ୍ତ୍ରୀ ଥିବା ବେଳେ କେବଳ କୁଟୁମଡୋଲା ଲୋକଙ୍କ ଦାବି ପାଇଁ ସରକାର ଶିକ୍ଷା ଆଇନକୁ ପରିବର୍ତ୍ତନ କରିଥିଲେ। ବ୍ଲକ ପିଛା ଦୁଇଟି ଯୁକ୍ତ ଦୁଇ କଲେଜ ରହିବା ରାଜ୍ୟ ସରକାରଙ୍କ ଆଇନ ବ୍ୟବସ୍ଥା ଥିଲେ ହେଁ ସେ ନିଜେ ଆଇନମନ୍ତ୍ରୀ ଥିବା ବେଳେ ଆଇନ ପରିବର୍ତ୍ତନ କରି ବ୍ଲକର ତୃତୀୟ କଲେଜ କୁଟୁମଡୋଲାରେ ଖୋଲା ଯାଇଥିଲା ବୋଲି କହିଥିଲେ। ଲୋକେ ଦାବି କରୁଥିବା ଯୁକ୍ତ ତିନି କଲେଜ ଏଠାରେ ପ୍ରତିଷ୍ଠା କରିବା ପାଇଁ ସେ ନିଶ୍ଚିତ ଚେଷ୍ଟା କରିବେ । ଆଗାମୀ ୫ ବର୍ଷ ଭିତରେ ଯେମିତି ଏ ଅଞ୍ଚଳର ଛାତ୍ରୀଛାତ୍ର ଏଠି ଯୁକ୍ତ ତିନି ଶ୍ରେଣୀରେ ନାମ ଲେଖାଇ ପାଠ ପଢ଼ି ପାରିବେ ସେ ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ ବିକାଶକୁ ବିରୋଧ କରୁଥିବା ସରକାରୀ ଦଳର ରାଜନେତା ଏ ଅଞ୍ଚଳରେ କ'ଣ ସବୁ କରିଛନ୍ତି ଲୋକେ ତାର ଜବାବ ମାଗନ୍ତୁ ବୋଲି କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଜୁସେତୁ ଯୋଜନାରେ ତିଆରି ହେବାକୁ ଥିବା ଏହି ଦୁଇ ସେତୁର ବ୍ୟୟ ଅଟକଳ ହେଉଛି ଯଥାକ୍ରମେ ୨ କୋଟି ୭୨ ଲକ୍ଷ ୫୭ ହଜାର ଟଙ୍କା ଓ ୨ କୋଟି ୮୫ ଲକ୍ଷ ୫୩ ହଜାର ଟଙ୍କା। ଏହି ଉଭୟ ସେତୁ ବର୍ଷା ଦିନରେ ଭୋଗୁଥିବା ଜଳବନ୍ଦୀ ସମସ୍ୟାରୁ ଲୋକଙ୍କୁ ରକ୍ଷା କରିବ। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର, କୁଟୁମଡୋଲା ସରପଞ୍ଚ ସସ୍ମିତା ସିଂଦେଓ, ଗଗନ ନାଥ, ସରୋଜ କୁମାର ରଥ, ଜୁଲୁ ପଟ୍ଟନାୟକ, ଭରତ ଭୋଇ, ଜୟ ସାହୁ, ଦୈତାରୀ ବାଗ, ରାଧାକାନ୍ତ ଭୋଇ, ସଞ୍ଜୟ ଗଡତ୍ୱା, ବିନାୟକ ସିଂଦେଓ, ବିକାଶ ରଥ, ମୟ ସହୁ, ସଂକୀର୍ତ୍ତନ ମେହେର, ବିଜୟ ମେହେର, ସଚ୍ଚିଦାନନ୍ଦ କୁନ୍ଦେଇ, ସୁନିଲ ପଟେଲ, ଶ୍ରୀଧର ବାରିକ, ରୋଶନ ମିଶ୍ର, ଅର୍ଜ୍ଜୁନ ଦୀପଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।

### ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ ଉତ୍ସବମୁଖର


ହୋମଯଜ୍ଞ ଅବସରରେ ଛାତ୍ରୀଛାତ୍ର ।

**ଲୋଇସିଂହା, ୨୩।୧ (ସୁଶାନ୍ତ ବାରିକ)**

ସୋମବାର ଅଯୋଧାରେ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନେଇ ଲୋଇସିଂହା ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିଲା। ଭଜନ, କୀର୍ତ୍ତନ, ପାରାୟଣ, ହୋମଯଜ୍ଞ, ଶୋଭାଯାତ୍ରା, ନଗର ପରିକ୍ରମା ଯୋଗୁ ଗ୍ରାମାଞ୍ଚଳରେ ଭକ୍ତିମୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଜୟ ସୀତାରମ, ଜୟ ଶ୍ରୀରାମ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ଉପଲକ୍ଷେ ଲୋଇସିଂହା ରାମମନ୍ଦିରରେ ସପ୍ତାହ ବ୍ୟାପି ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଅପରାହ୍ନରେ ଲୋଇସିଂହାର ବିଭିନ୍ନ ଅନୁଷ୍ଠାନର ସଦସ୍ୟ ରାମମନ୍ଦିରରୁ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରିଥିଲେ। ସେହିପରି ବୁର୍ଡାର ବାବା ସ୍ୱପ୍ନେଶ୍ୱର ପୀଠ ଏବଂ ଯୋଗୀସର୍ଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦଧିବାମନ କଳା ପରିଷଦ ପକ୍ଷରୁ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ରାମଲିଳା ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ପଣ୍ଡରାଣୀ ରାମଲୀଳା ଅନୁଷ୍ଠାନ ପକ୍ଷରୁ ସୁନ୍ଦରାକାଣ୍ଡ ଏବଂ ସମୂହ ହନୁମାନ ଚାଳିଶା ପାଠ କରାଯାଇଥିଲା। ରୁଗୁଡିଖୋଲ ରାମ ମନ୍ଦିରରେ ମଧ ମହାସମାରୋହରେ ଉତ୍ସବ ପାଳନ କରାଯାଇଥିଲା। ପ୍ରତ୍ୟେକଙ୍କ ଘର ଆଗରେ ମୁରୁଜ ପଡିବା ସହ ଦୀପ ଜଳିବା ଦେଖିବାକୁ ମିଳିଥିଲା। ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ହୋମଯଜ୍ଞ ସହ ରାମଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା ।

# ପୁଷ୍ୟାଭିଷେକ ମହୋତ୍ସବ ଉଦ୍‌ଘାଟିତ

**ଦେଓଗାଁ, ୨୩।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲରେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପୁଷ୍ୟାଭିଷେକ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବୁଢ଼ିମାଉଳୀ ମନ୍ଦିରରୁ ଗାଁର ମହିଳା ପୁରୁଷ ମଶାଲ ଶୋଭାଯାତ୍ରାରେ ଆସି ମଣ୍ଡପଠାରେ ପହଞ୍ଚିଥିଲେ । ପରେ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲା ପରିଷଦ ସଭ୍ୟା ସୁମତୀ ସେଠ ଓ ମମତା କୁମୁରା, ସ୍ଥାନୀୟ ସରପଞ୍ଚ ବଲ୍ଲଭି ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବିଜେଡି ବ୍ଲକ ଯୁବ ସଭାପତି ଶୈଳେନ୍ଦ୍ର ସାହୁ ଓ ପ୍ରମୋଦ ବହିଦାର ମଞ୍ଚାସୀନ ଥିଲେ । ଗ୍ରାମାଞ୍ଚଳର ପାରମ୍ପରିକ କଳାର ବିକାଶ ପାଇଁ ମହୋତ୍ସବ ଏକ ଉତ୍ତମ ମାଧ୍ୟମ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଏହି ଅବସରରେ ଜରାସିଂହାର ଛାତ୍ରୀମାନଙ୍କ ଦ୍ୱାରା ଦଶାବତାର ନୃତ୍ୟ, ଜରାସିଂହା କଲେଜର ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ସମ୍ବଲପୁରୀ ନୃତ୍ୟ, ବଲାଙ୍ଗୀରର କୋଶଳ ଫୋକ ଏକାଡେମୀ ଦ୍ୱାରା ପାରମ୍ପରିକ ନୃତ୍ୟ, ଆର୍ଭି ସିଂ ଚିନ୍ଦାଙ୍କ ଦ୍ୱାରା ସୋଲୋ ନୃତ୍ୟ ପରିବେଷଣ ହୋଇଥିଲା। ଛବିଳ ସିଂ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ୨୫ ତାରିଖ ଦିନ ଶ୍ରୀରାମ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। କମିଟି ସଭାପତି ସୁଶାନ୍ତ ମନହିରା, ତ୍ରିଲୋଚନ ସିଂ ଚିନ୍ଦା, ହଲଧର ସିଂ ଚିନ୍ଦା, ନରସିଂହ ସିଂ, ଗୋପ ମିର୍ଦ୍ଧା, ପୃଥିରାଜ ସିଂ ଚିନ୍ଦା, ଚିନ୍ତାମଣି ନାଏକ, ବ୍ରହ୍ମା ଧରୁଆ, ଶିବ ପ୍ରସାଦ ସାହୁ, କୈଳାସ ଚନ୍ଦ୍ର କର୍ତ୍ତି, ନିରଞ୍ଜନ ଝାଙ୍କର, ସ୍ନିଗ୍ଧା ସିଂ ଚିନ୍ଦା, ମାଧବୀ ଧରୁଆ, ଯଶୋବନ୍ତୀ ମାଝୀ, ସନ୍ତୋଷିନୀ ମିର୍ଦ୍ଧା, ରୀତା କପାଟ, ମୀରା ମାଝୀ, ନିରୁପମା ଧରୁଆ, ବିଜୟଲକ୍ଷ୍ମୀ ସିଂ ଚିନ୍ଦା, ପଦ୍ମିନୀ ଧରୁଆ ତଥା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

**ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर-751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक-इन-इन्टरव्यू**

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल-II** पद की भर्ती हेतु **दिनांक 05.02.2024** को **पू. 10.00 बजे** चल-साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **05.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II**, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in.

मुख्य जाँचकर्ता / Principal Investigator

## ସଂକ୍ଷେପରେ

# ୩ ଦିନ ପରେ ଗାଁରେ ପହଞ୍ଚିଲା ମୃତଦେହ

### ଦାଦନ ଖଟିବାକୁ ଯାଇଥିଲେ ତାମିଲନାଡୁ



**ଡୁଙ୍ଗୁରିପାଲି, ୨୩।୧ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ କପାଶିରା ଗାଁର ରଘୁ ଛତିଙ୍କ ପୁଅ ନୃପତି (୩୮)ଙ୍କ ତାମିଲନାଡୁର ତ୍ରିପୁରରେ ଗତ ଶନିବାର ରାତିରେ ସ୍ୱାସ୍ଥ୍ୟଗତ କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ ସେଠାରେ ଦୀର୍ଘ ୨୦ ବର୍ଷ ହେବ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ମୃତ୍ୟୁର ତିନି ଦିନ ପରେ ମଙ୍ଗଳବାର ୧୦୮ ଆମ୍ବୁଲାନ୍ସ ଯୋଗେ ନୃପତିଙ୍କ ମରଶରୀର ଗାଁରେ ପହଞ୍ଚି ଥିଲା। ପରିବାରବର୍ଗ ଓ ଗ୍ରାମବାସୀ ଅଙ୍ଗ ନଦୀ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ। ଜିଲାପାଳଙ୍କ ସହାୟତାରେ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ତାଙ୍କ ପରିବାରକୁ ଦିଆଯାଇଛି । ଡୁଙ୍ଗୁରିପାଲି ବିଡ଼ିଓ ରୋହିତ ଭୋଇ କପାସିରା ଗାଁକୁ ଯାଇ ତାଙ୍କ ବାପା ରଘୁଙ୍କୁ ଭେଟି ଏହି ଅର୍ଥ ପ୍ରଦାନ କରିଛନ୍ତି । ଜିଲା ଶ୍ରମ ଅଧିକାରୀ ଡୁଲେଶ୍ୱର ଖାଖା ଶ୍ରମ ବିଭାଗ ତରଫରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାଛଡା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଓ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ ପରିବାର ଲୋକଙ୍କୁ ସାକ୍ଷାତ କରି ଆର୍ଥିକ ସହାୟତା ପ୍ରଦାନ କରିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ଯାଇଛନ୍ତି।

# ହିଲୁଙ୍ଗରେ ଖୋଲା ଆକାଶ ତଳେ ଧାନକିଣା

**ସୋନପୁର, ୨୩।୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ବର୍ଷା ଓ କୋହଲା ପାଗ ଲାଗି ରହିଛି। ମଙ୍ଗଳବାର ସନ୍ଧ୍ୟାରେ କୋହଲା ପାଗ ଓ ହାଲୁକା ବର୍ଷା ଜିଲାର ଚାଷୀଙ୍କ ଚିନ୍ତା ବଢାଇଛି। ଜିଲାରେ ଧାନ କିଣା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତରଭା ବ୍ଲକର ସିଂହାରୀ, ଶିବତୁଲା, ବଘିଆ, ବୀରମହାରାଜପୁର ବ୍ଲକର ହିଲୁଙ୍ଗ ଓ ଉଲୁଣ୍ଡାର ଯାଲୋଏ ଭଳି ଅଳ୍ପ କିଛି ମଣ୍ଡିରେ ଧାନ କିଣା ଚାଲିଛି। ତେବେ ବୀରମହାରାଜପୁର ବ୍ଲକର ହିଲୁଙ୍ଗରେ ମଣ୍ଡି ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଧାନ କିଣା ବାବଦରେ ଆରଏମ୍‌ସି ଓ ପ୍ୟାକ୍ସ କମିସନ ପାଉଥିବା ବେଳେ ଏଠାରେ ମଣ୍ଡି ଭିତ୍ତିଭୂମିର ଉନ୍ନତି ପ୍ରତି ଧ୍ୟାନ ଦିଆଯାଉନି। ଖୋଲା ଆକାଶ ତଳେ ଧାନ କିଣା ଚାଲିଛି। ଚାଷୀଙ୍କ ପାଇଁ ସର୍ବନିମ୍ନ ସୁବିଧା ନାହିଁ। ଚାଷୀମାନେ ବର୍ଷା ଓ ଶୀତ କାକରରେ ନିଜର କଷ୍ଟ ଉପାର୍ଜିତ ଧାନକୁ ଦିନ ରାତି ଜଗି ରହୁଛନ୍ତି। ହିଲୁଙ୍ଗ ପାକ୍ସରେ ପ୍ରାୟ ୧୫ ହଜାର ବସ୍ତା ଧାନ ଏବେ ବି ଖୋଲା ଆକାଶ ତଳେ ଏକ ପଡିଆରେ ରହିଛି। ଧାନ ବସ୍ତାଗୁଡିକୁ ଚାଷୀ ପଲିଥିନ ଦ୍ୱାରା ଢାଙ୍କି ରଖିଛନ୍ତି। ତେବେ ମଙ୍ଗଳବାର ବର୍ଷାରେ ଧାନ ଓଦା ହୋଇଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ଏହି ପ୍ୟାକ୍ସରେ ୧୨୦୦ରୁ ଉର୍ଦ୍ଧ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ନିକଟରୁ ୫୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି । ତେବେ ପ୍ୟାକ୍ସର ପ୍ରାକ୍ତନ ସମ୍ପାଦକ ନିଲମ୍ବନ ହେବା ପରେ ଗତ ୫ବର୍ଷ ଧରି ଏହି ପଦବୀ ଖାଲି ପଡିଛି। ଦାୟିତ୍ୱରେ ଥିବା ବ୍ୟକ୍ତି ଏହି କାର୍ଯ୍ୟ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି । ଜଣେ ଅଭିଜ୍ଞ ବ୍ୟକ୍ତିଙ୍କୁ ଏହି ଦାୟିତ୍ୱ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ସେହିଭଳି ପଞ୍ଜୀକୃତ ଚାଷୀଙ୍କ ସମସ୍ତ ଧାନ ଶୀଘ୍ର ଉଠାଇବାକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବୀରମହାରାଜପୁର ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ କୁହନ୍ତି ମଣ୍ଡିର ଭିତ୍ତିଭୂମି ନିର୍ମାଣ କାମ ଯୋଗାଣ ବିଭାଗର ନୁହଁ । ଚାଷୀଙ୍କ ଧାନ ସଂଗ୍ରହ ପାଇଁ ପ୍ୟାକ୍ସକୁ ଆବଶ୍ୟକ ଅନୁଯାୟୀ ଟାର୍ଗେଟ୍ ଦିଆଯାଇଛି। ଦୈନିକ ୭ ରୁ ୮ ଟ୍ରକ୍ ଧାନ ଉଠୁଛି । ଆଉ କମ୍ ଦିନ ଭିତରେ ଧାନ ସଂଗ୍ରହ ସରିବ ବୋଲି ପଟ୍ଟନାୟକ କହିଛନ୍ତି ।



ହିଲୁଙ୍ଗ୍ ମଣ୍ଡିରେ ଖୋଲାଆକାଶ ତଳେ ଏକ ପଡିଆରେ ଧାନ କିଣାଯାଉଛି।

### ବର୍ଷା ଓ କୋହଲା ପାଗକୁ ନେଇ ଚିନ୍ତାରେ ଚାଷୀ

# ନେତାଜୀ, ବୀରସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

**ବାଉଁଶୁଣୀ, ୨୩।୧ (ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବହିରା ହାଇସ୍କୁଲ ପରିସରରେ ମଙ୍ଗଳବାର ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବିରସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜିତଲାଲ ମିଶ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଦେଶବନ୍ଧୁ ମହାକୁଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ପ୍ରଥମେ ଉଭୟ ମହାପୁରୁଷଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ସଭା ଆରମ୍ଭ କରାଯାଇଥିଲା। ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ପ୍ରଧାନଶିକ୍ଷକ ଓ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସୁରମା ତ୍ରିପାଠୀ, ଧରିତ୍ରୀ ତ୍ରିପାଠୀ, କଲ୍ୟାଣୀ ବେହେରା, ସସ୍ମିତା ଜେନା, ଯୋଗେଶ ଚନ୍ଦ୍ର ବାରିକ, ପ୍ରମୋଦ କୁମାର ପୁଜାହାରୀ, ଦିଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ବାଉଁଶୁଣୀରେ ଥିବା ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବିରସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି।

# ଭୀମବୁଢ଼ା କୃଷି ମହୋତ୍ସବ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଖୁଣ୍ଟିଗୋରା, ୨୩।୧ (ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଗୋଛାଗୋରା ଯାତ୍ରା ପଡିଆରେ ସୋମବାର ଭୀମ ବୁଢା କୃଷି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ନିର୍ମଳ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ କଣ୍ଟାମାଳ ବିଧାୟକ ମହିଧର ରଣା ମୁଖ୍ୟ ଅତିଥି, ଶିକ୍ଷକ ସଂଘ ସଭାପତି ନିଳାଞ୍ଚଳ ଭୋଇ, ଗଞ୍ଜାମ ଜିଲାର ଛାତ୍ର ବିଜେଡି ସଭାପତି ନିରଞ୍ଜନ ମଲ୍ଲିକ, ବିଜେଡିର ମିଡିଆ ପ୍ରଭାରୀ ମମତା ରଣା, ଜିଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ଖୁଣ୍ଟିଗୋରା ସରପଞ୍ଚ ସୁନିତା ମାଝି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃଷି ମହୋତ୍ସବ ଚାଷୀଙ୍କ ଏକ ଗଣପର୍ବ ବୋଲି କହିଥିଲେ। ଏହାପୂର୍ବରୁ ମଧ୍ୟାହ୍ନରେ ଗୋଛାଗୋରା ଗ୍ରାମର ଲକ୍ଷ୍ମୀ ମଣ୍ଡପରୁ ଶୁଭସ୍ତମ୍ଭ ଓ ଜଗନ୍ନାଥଙ୍କ ବିଗ୍ରହ ଏକ ଶୋଭାଯାତ୍ରାରେ ଆଣି ଯାତ୍ରା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଗ୍ରାମର ସମସ୍ତ ଘର ସମ୍ମୁଖରେ କଳସ ସ୍ଥାପନ କରି ଶୁଭସ୍ତମ୍ଭ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ହୁଳହୁଳି ଓ ହରିବୋଲରେ ଗ୍ରାମ ପ୍ରକମ୍ପିତ ହୋଇଥିଲା। ନାମ ସଂକିର୍ତ୍ତନ ଓ ଢୋଲ ନିଶାନ ବାଦ୍ୟରେ ଗ୍ରାମମବାସୀ ଝୁମି ଉଠିଥିଲେ। ଯାତ୍ରା କମିଟି ସମ୍ପାଦକ ଶଙ୍କର୍ଷଣ ଭୋଇ, ଉପସଭାପତି ସୁଧାଂଶୁ ଭୋଇ, ସହସମ୍ପାଦକ ଦେବେନ୍ଦ୍ର କାଲସେ, ପିତାମ୍ବର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏହି ଯାତ୍ରା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କଂସ ଦରବାର ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବୌଦ୍ଧରେ ନେତାଜୀ ଜୟନ୍ତୀ ପାଳିତ

**ବୌଦ୍ଧ, ୨୩।୧ (ଅଜିତ କୁମାର ବାରିକ)**

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମ ଜୟନ୍ତୀ ବୌଦ୍ଧରେ ମହାସମାରୋହରେ ପାଳିତ ହୋଇଯାଇଛି। ମର୍ଜାକୁଦ ସେତୁ ଛକଠାରେ ସ୍ଥାପିତ ନେତାଜୀ ସୁଭାଷଙ୍କ ପ୍ରତିମୂର୍ତ୍ତିରେ ବୌଦ୍ଧ ଏନଏସି ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହିତ ଦେଶର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥିଭାବେ ଏନଏସି ଉପାଧ୍ୟକ୍ଷା ସୁଭାସିନୀ ସେଠୀ, ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହେରା,ସମାଜିକ କର୍ମୀ ଚିତ ରଞ୍ଜନ ଦାଶଙ୍କ ସମେତ ବିଭିନ୍ନ ୱାର୍ଡର ନିର୍ବାଚିତ କାଉନସିଲର,ବୁଦ୍ଧିଜିବୀ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମସିଣାଗୋରା ଶିଶୁ ମନ୍ଦିରରେ ପିତୃ ସମ୍ମିଳନୀ



**ଖୁଣ୍ଟିଗୋରା, ୨୩।୧ (ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧିନ ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଦିଗାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ପିତୃ ସମ୍ମିଳନୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜନତା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମଣ ଭୋଇ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ଧିରୋଜ ଭୋଇ, ସଂପାଦକ ଭକ୍ତ ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତାଭାବେ ବୌଦ୍ଧ ଜିଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ଉପସ୍ଥିତ ରହି ଶିଶୁ ଭାଇ ଭଉଣୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସଂଧ୍ୟାରାଣୀ ମନହିରା ମଞ୍ଚ ପରିଚାଳନା କରିଥିଲେ। ଅଭିଭାବକମାନେ ବିଦ୍ୟାଳୟର ଉନ୍ନତି ଦିଗରେ ବିଭିନ୍ନ ମତାମତ ରଖିଥିଲେ। ଏଥିରେ ଆଚାର୍ଯ୍ୟା ଝରଣା ପ୍ରଧାନ, ସାଏବାନି ପାତ୍ର , ବେଦମତୀ କୁଦେଇ, ମମିତା ରଣା, ଅଙ୍କିତାଶ୍ରୀ ମହାରଣା, ଆଚାର୍ଯ୍ୟ ରୋଶନ ସାହୁ, ସୁଶାନ୍ତ ମାଝି, ଶ୍ରୀକାନ୍ତ କୁଦେଇ, ସେବିକା ସୁରୁସୂତା ଭୋଇ, ବାହନ ଚାଳକ ରାଜକୁମାର ରଣା ତଥା ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ସଂପାଦକ ଭକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମଲୀଳା ନାଟ୍ୟ ସଂସଦ ସଭାପତିଙ୍କ ପରଲୋକ

**ବାଉଁଶୁଣୀ, ୨୩।୧ (ଦେବାଶିଷ ନେପାକ)**



ବୌଦ୍ଧ ଜିଲା ବାଉଁଶୁଣୀର ଯୁବ ବ୍ୟବସାୟୀ ତଥା ରାମଲୀଳା ନାଟ୍ୟ ସଂସଦ ସଭାପତି, ବଣିକ ସଂଘର ସଦସ୍ୟ ବିଶିକେସନ ମେହେରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ବାଉଁଶୁଣୀ ଛକରେ ହେଉଥିବା ଅଷ୍ଟ ପ୍ରହରୀ ନାମଯଜ୍ଞରେ ସେ ଯୋଗଦେଇଥିଲେ। ସେହି ସମୟରେ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ୮ମ ଦିନରେ ବିନିକା ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ବିନିକା, ୨୩।୧ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସଷ୍ଟାଣ୍ଡଠାରେ ନୂତନ ଭାବେ ନିର୍ମିତ ମା' ଦୁର୍ଗାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ହୋମଯଜ୍ଞ, ପୂଜାପାଠ, ଭଜନ କୀର୍ତ୍ତନ ଓ ଅନ୍ୟାନ୍ୟ ରୀତିନୀତି ଚାଲିଛି। ମହୋତ୍ସବର ଅଷ୍ଟମ ଦିନରେ ସୋମବାର ରାତିରେ ମହିଷାସୁର ରାଜ ଦରବାରରେ ପରିବେଷିତ ନାଚ ଗୀତ ଦର୍ଶକଙ୍କ ମନ ମୋହିଥିଲା। ଦୂର ଦୁରାନ୍ତରୁ ଆସିଥିବା କଳାକାରମାନେ ଯୋଗଦେଇ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ। ସେହିପରି ମହିଷାସୁର ଦରବାରରେ କାର୍ଯ୍ୟକାରୀ ସଭାପତି ଦିଲିପ ଆଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ ସଭାରେ ରାଜଅତିଥି ଭାବେ ପୂର୍ବତନ ବିଧାୟକ ଅର୍କେଶ ନାରାୟଣ ସିଂଦେଓ, ତରଭା ବ୍ଲକ ଚେୟାରମ୍ୟାନ ସରୋଜ ସମ୍ପଦ, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଶିକ୍ଷାବିତ୍ ନୀଳାଚଳ ମେହେର ଯୋଗଦେଇ ପୌରାଣିକ କଥାବସ୍ତୁ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ହିମାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ରାଜ ଦରବାର ଗୀତିନାଟ୍ୟରେ ଚଣ୍ଡମୁଣ୍ଡଙ୍କ ବଧ ହୋଇଥିବା ଶୁଣି ମହିଷାସୁର ମର୍ମାହତ, ମା' ଦୁର୍ଗାଙ୍କୁ ସାମାନ୍ୟ ନାରୀ ଭାବି ଧରି ଆଣିବା ପାଇଁ ଶୁମ୍ଭ ନିଶୁମ୍ଭଙ୍କୁ ରତ୍ନଗିରି କୁ ପ୍ରେରଣ ଏବଂ ମା' ଦୁର୍ଗାଙ୍କ ପରାମର୍ଶରେ ଶୁମ୍ଭ ନିଶୁମ୍ଭ ଉଭୟେ ଉଭୟଙ୍କ ମୁଣ୍ଡରେ ହାତ ରଖିବାରୁ ଦୁହିଁଙ୍କ ମୃତ୍ୟୁ ଘଟିବା ମଞ୍ଚସ୍ଥ ହୋଇଥିଲା।



ମା' ଦୁର୍ଗାଙ୍କ ମନ୍ଦିରରେ ରାଜଅତିଥି।

# ପୁଷ୍‌ପୁନିକୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା ଦାବି

**ବଲାଙ୍ଗୀର, ୨୩।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ୨୫ ତାରିଖରେ ସାରା କୋଶଲାଞ୍ଚଳରେ ପୁଷପୁନି ତିହାର ପାଳିତ ହେବ। ପୁଷପୁନି ପର୍ବ କୋଶଲାଞ୍ଚଳର ଅନ୍ୟତମ କୃଷିଭିତ୍ତିକ ଗଣପର୍ବ । ତେଣୁ କୋଶଲାଞ୍ଚଳର ଦୁଇ କୋଟି ଅଧିବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହି ଦିନକୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା କରନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଦାବି କରିଛନ୍ତି। ରଜ, ଦୋଳ ଭଳି ଉପକୂଳ ଓଡ଼ିଶାର ପର୍ବପର୍ବାଣୀକୁ ରାଜ୍ୟସ୍ତରୀୟ ଛୁଟି ବୋଲି ଘୋଷଣା କରୁଥିବା ବେଳେ ପୁଷପୁନିରେ ଛୁଟି ଘୋଷଣା କରାଯାଉନାହିଁ। ଏ ନେଇ କୋଶଲାଞ୍ଚଳର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କୋଶଲବାସୀ ଓ କୋଶଲାଞ୍ଚଳର ନିର୍ବାଚିତ ରାଜନେତା ତଥା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ସଙ୍ଗଠନ ସମ୍ମିଳିତ ଭାବେ ଏ ନେଇ ପ୍ରତିକ୍ରିୟା କରନ୍ତୁ ବୋଲି ମିଶ୍ର ଆହ୍ୱାନ କରିଛନ୍ତି।

# ମରଣଯନ୍ତା ପାଲଟିଛି ରାସ୍ତା, ପ୍ରଶାସନ ଦୃଷ୍ଟିଦେବାକୁ ଦାବି



ରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଛି।

**ଘଣ୍ଟାପଡ଼ା, ୨୩।୧ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ମହିବିଲାଠାରୁ ନାରାୟଣପ୍ରସାଦ ପଞ୍ଚାୟତ ଲୁଣ୍ଠୁରୁବାହାଲ ପର୍ଯ୍ୟନ୍ତ ଯାଇଥିବା ୩ କିଲୋମିଟର ବନ ବିଭାଗ ଅଧୀନରେ ଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଫଳରେ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ବର୍ଷା ଦିନେ ଏହି ଅଞ୍ଚଳକୁ ଆମ୍ବୁଲାନ୍ସ ଗାଡି ଯାଇପାରେ ନାହିଁ। ତେଣୁ ବାଧ୍ୟ ହୋଇ ରୋଗୀ ୩ କି.ମି ଖଟିଆରେ ବୁହାହୋଇଥାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ବାଇକ୍‌ରେ ବିଭୁପ୍ରସାଦଙ୍କ ଅଯୋଧ୍ୟା ଯାତ୍ରା



ବିଭୁ ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି ।

**ସୋନପୁର, ୨୩।୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ସହର ଗଡଭିତର ଅଞ୍ଚଳର ଯୁବକ ବିଭୁ ପ୍ରସାଦ ମହାପାତ୍ର ସୋମବାର ବାଇକ୍‌ରେ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ନେଇ ବିଭୁ ସହରସ୍ଥିତ ରାମେଶ୍ୱର ସଙ୍ଗମରୁ ଏହି ଯାତ୍ରାରେ ବାହାରିଛନ୍ତି । ୭ ରୁ ୮ ଦିନ ମଧ୍ୟରେ ସେ ଅଯୋଧ୍ୟାରେ ପହଞ୍ଚି ରାମଲାଲାଙ୍କ ଦର୍ଶନ କରିବା ଆଶା ରଖିଥିବା କହିଛନ୍ତି। ସହର ର ବହୁ ବଶିଷ୍ଟ ବ୍ୟକ୍ତି ଓ ଧାର୍ମିକ ଲୋକ ରାମେଶ୍ୱର ସଙ୍ଗମସ୍ଥଳରେ ପହଞ୍ଚି ବିଭୁଙ୍କୁ ସଫଳ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ଅବକାରୀ କର୍ମଚାରୀ-ଗ୍ରାମବାସୀ ମୁହାଁମୁହିଁ

**ବୌଦ୍ଧ, ୨୩।୧ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ମହାଲିକପଡା ପଞ୍ଚାୟତର ଭାବପୁର ଗ୍ରାମରେ ବେଆଇନ ଦେଶୀ ମଦ ରନ୍ଧା କାରବାର ଖବର ପାଇ ମଙ୍ଗଳବାର ବୌଦ୍ଧ ଅବକାରୀ ଇନିସିପେକ୍ଟର ସାଗରିକା ପ୍ରଧାନ ଓ ଅନ୍ୟ କର୍ମଚାରୀ ଚଢାଉ କରି ୭ ଲିଟର ମହୁଲି ମଦ ଜବତ କରିଥିଲେ। ମଦ ଜବତକୁ ନେଇ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଅବକାରୀ ଗାଡିକୁ ଅଟକାଇବା ସହ କାଠ ଗଣ୍ଡି ରଖି ଗାଡିକୁ ଅଟକ ରଖିଥିଲେ। ବେଆଇନ ମଦ କାରବାରରେ ଗିରଫ ବ୍ୟକ୍ତକୁ ଛାଡିବାକୁ ଅଡି ବସିଥିଲେ। ଏହାକୁ ନେଇ ଅବକାରୀ କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ଅବକାରୀ ଇନିସପେକ୍ଟର ସାଗରିକା ପ୍ରଧାନ ଅଟକ ରଖିଥିବା ଗ୍ରାମବାସୀଙ୍କ ନାମରେ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ପ୍ରକାଶ ଥାଉକି, ଗତ ଅଗଷ୍ଟ ମାସରେ ମଧ୍ୟ ବେଆଇନ ମଦରନ୍ଧା ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ସେ ସମୟରେ ମଧ୍ୟ ମହିଳାମାନେ ଅବକାରୀ ଗାଡଇକୁ ଅଟକାଇବା ସହ ମଦକୁ ଛଡାଇ ନେଇଥିଲେ।



ଅବକାରୀ ଇନିସପେକ୍ଟର ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତି ତର୍କ ଚାଲିଛି।

ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ
ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪
ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।
(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 18/2023-24 Date of Insertion- 15.01.2024
वॉक–इन–इन्टरव्यू
भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

## ମୋବାଇଲ, ଟଙ୍କା ଚୋରି

**ବଡ଼ଗାଁ, ୨୩।୧ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପଦମପୁର ଗ୍ରାମର ଜଣେ ମହିଳାଙ୍କ ଘରୁ ମୋବାଇଲ ଫୋନ, ଟଙ୍କା ଓ କଂସା ବାସନ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଲଳିତ ରାଉତଙ୍କ ଘରକୁ ବିଳମ୍ବିତ ରାତିରେ ୪ ଜଣ ମୁଖା ପିନ୍ଧା ଯୁବକ କାନ୍ଥ ଡେଇଁ ଘରକୁ ପଶିଥିଲେ। କଂସା ବାସନ, ୨ ହଜାର ଟଙ୍କା, ମୋବାଇଲ ନେଇ ଫେରାର ହୋଇଯାଇଛନ୍ତି।



ସୁନ୍ଦରଗଡ଼ରେ ନେତାଜୀ ଜୟନ୍ତୀ ଉତ୍ସବରେ ଉପସ୍ଥିତ ସ୍କାଉଟ୍ ଛାତ୍ରୀଛାତ୍ର।


ରାଜଗାଙ୍ଗପୁରରେ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



କୁତ୍ରା ଉତ୍କୃଷ୍ଟ ଉଚ୍ଚବିଦ୍ୟାଳୟରେ ନେତାଜୀ ଜୟନ୍ତୀରେ ମଞ୍ଚାସୀନ ଅତିଥି।

## ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ



**କୁତ୍ରା, ୨୩।୧ (ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷରୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦିଷ୍ଟ ବିଷୟରେ ଦକ୍ଷତା ବିକାଶ ପାଇଁ ତଥା ସେମାନଙ୍କ ଅନ୍ତର୍ନିହିତ ଗୁଣକୁ ଆଗକୁ ଆଣିବା ପାଇଁ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଏବଂ କ୍ରୀଡାଙ୍ଗନ ଆଦି ୪ କ୍ଲବ ଗଠନ କରାଯାଇଛି। ଏହି ୪ଟି କ୍ଲବର ଛାତ୍ରୀଛାତ୍ର ଉତ୍ସବରେ ପ୍ରକଳ୍ପ ମାଧ୍ୟମରେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଶେଷ ଅତିଥିଭାବେ ଯୋଗଦେଇ ସାହିତ୍ୟ ସୃଜନୀ କ୍ଲବ ପ୍ରକଳ୍ପକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶି କେସନ ସାହୁ, କ୍ରୀଡାଙ୍ଗନ କ୍ଲବ ପ୍ରକଳ୍ପକୁ ଅବସରପ୍ରାପ୍ତ ଖେଳ ଶିକ୍ଷକ ସୁରେଶ ଚନ୍ଦ୍ର ଟପ୍ପୋ, କୌଶଳୀ କ୍ଲବ ପ୍ରକଳ୍ପକୁ ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କର ପ୍ରସାଦ ଟପ୍ପୋ ଏବଂ ଜିଗ୍ୟାସା କ୍ଲବ ପ୍ରକଳ୍ପକୁ ଆଲୁମିନୀ ପ୍ରଶାନ୍ତ କୁମାର ସାହୁ ଉଦ୍‌ଘାଟନ କରିବା ସହ ଏଭଳି ଏକ ନୂତନ ଯୋଜନା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢାରେ ଆଗ୍ରହ ବୃଦ୍ଧି ସହ ଦକ୍ଷତା ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସିନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ମେଣ୍ଟର ଭାବେ ଜିଗ୍ୟାସା କ୍ଲବର ଶିକ୍ଷୟିତ୍ରୀ ରୀତା କଣ୍ଡା, କୌଶଳୀ କ୍ଲବର ଶିକ୍ଷୟିତ୍ରୀ ଲିପିକା କାଲୋ, ସାହିତ୍ୟ ସୃଜନୀ କ୍ଲବର ଶିକ୍ଷକ ସୁଦାମ ମହାନନ୍ଦ, କ୍ରୀଡାଙ୍ଗନ କ୍ଲବର ଜଗନ୍ନାଥ କିଷାନ କାର୍ଯ୍ୟ ସଂପାଦକ କରୁଥିବା ବେଳେ ଦିପିକା କେର୍କେଟା, ଧୃତି ସୁନ୍ଦର ସାହୁ, ଅବିନାଶ କର, କାହ୍ନୁ ସେଠ, ସ୍ମୃତି ସ୍ୱରୁପ ଦାସ, ରୋହିତ ଜୟପୁରିଆ, ରଙ୍ଗିତା ସାଇ, ମଞ୍ଜୁ ଏକ୍କା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହାୟତା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଗୁଡିକୁ ଅଭିଭାବକ ମାନେ ବୁଲି ଦେଖିବା ସହ ଖୁସି ବ୍ୟକ୍ତ କରିଥିଲେ।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ସୁନ୍ଦରଗଡ, ୨୩।୧ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ହରିପ୍ରିୟା ପଟେଲ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱାଧୀନତା ସଂଗ୍ରାମୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧ୍ୟକ୍ଷା ପଟେଲ ତାଙ୍କ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶ ପାଇଁ ତ୍ୟାଗ, ବିରତ୍ୱ, ଦେଶ ଭକ୍ତି ବିଷୟରେ କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଦେବାଶିଷ ଦାସ, ପ୍ରୀତି ପ୍ରସାଦ ଅଭିଭାଷଣ ଦେଇଥିଲେ। ସ୍କାଉଡ ମାଷ୍ଟର ଅଶୋକ ପରିଡ଼ାଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଛାତ୍ରୀଛାତ୍ର ରଙ୍ଗଡ଼ିପାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍କାଉଟ ଛାତ୍ରୀଛାତ୍ରମାନେ ବାରଗାଡ ଗ୍ରାମକୁ ଯାଇ ବୃଦ୍ଧ, ଅସହାୟ, ଛୋଟ ପିଲାଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ସେହିପରି ବିଜେଡି ପକ୍ଷରୁ ରଙ୍ଗାଡ଼ିପା ଛକରେ ଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଓ ଝରସୁଗୁଡା ବିମାନ ବନ୍ଦର ସମ୍ମୁଖରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଉପନଗରପାଳ ତଥା



ଟାଉନ ସଭାପତି ଲଲାଟେନ୍ଦୁ ପରିଡା, ଜିଲା ଉପସଭାପତି ଗୋପ ମହାନ୍ତି, କାଉନସିଲର ଅନିଲ ମହାପାତ୍ର, ବିଜୁ ଛାତ୍ର ଜନତା ଦଳ ଟାଉନ ସଭାପତି ନରଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ କମିଟି ପକ୍ଷରୁ ରଙ୍ଗାଢ଼ିପା ଛକସ୍ଥିତ ସୁଭାଷ ଛକ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ଉପସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପି.ସି.ସି. ଇସ୍ତାହାର କମିଟି ସଦସ୍ୟ ବେଣୁ ମାଧବ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପି.ସି.ସି.ମହିଳା କଂଗ୍ରେସ ସମ୍ପାଦିକା ଗେରୋଟୀ ଖେସ୍ ,ଜିଲା ଏସଟି ସେଲ ଅଧ୍ୟକ୍ଷ ଆନ୍ଥୋନୀ କୁଲ୍ଲୁ, ରାଜ୍ୟ ସେବାଦଳର ସାଧାରଣ ସମ୍ପାଦକ ମୁନୁ ସରାଫ, ଜିଲା ସାଧାରଣ ସମ୍ପାଦକ ପ୍ରଣବ ସିଂଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ । କୋଶଳ ସମାଜ ପକ୍ଷରୁ ଏହା ପାଳିତ ହୋଇଯାଇଛି। କୋଶଳ ସମାଜର ମହାସଚିବ ଦିଲ୍ଲୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତା ନବୀନ ଚନ୍ଦ୍ର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କୋଶଳ ସମାଜର ସମ୍ବଲପୁର ଜିଲା ସଚିବ ଆଇନଜୀବୀ ଦେବଦତ୍ତ ପ୍ରଧାନ ଓ ମହିଳା ନେତ୍ରୀ ଭୋଇ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ଓ ଦେଶାତ୍ମବୋଧକ ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ରାଜଗାଙ୍ଗପୁର (ଅଶୋକ ପାଣି)**

ରାଜଗାଙ୍ଗପୁରରେ ଥିବା ସୁବାସ ଚନ୍ଦ୍ର ବୋଷ ଜୟନ୍ତି କମିଟି ଦ୍ୱାରା ସୁବାସ ଛକଠାରେ ଜୟନ୍ତୀ ପାଳିତ ହୋଇଛି ଏହି ଅବସରରେ ଏକ ସଭାକାର୍ଯ୍ୟ କମିଟି ଦ୍ୱାରା ଆୟୋଜିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ମୁଖ୍ୟ ବକ୍ତା ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ଉପନଗରପାଳ ପାକା ବାବୁ, ଟ୍ରକ ମାଲିକ ସଂଘ ସଭାପତି ରାକେଶ ନନ୍ଦା, ବରିଷ୍ଠ ନାଗରିକ ସଂଘ ସଭାପତି ଡ. ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ସଭାକାର୍ଯ୍ୟକୁ କମିଟି ଉପସଭାପତି ତଥା ଉପନଗରପାଳ ମହମ୍ମଦ ଇରଫାନ ପରିଚାଳନା କରିଥିଲେ। ଏଥିରେ ରାଷ୍ଟ୍ରୀୟ ବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ର ତଥା ସରବତୀ ମହାବିଦ୍ୟାଳୟର ଛାତ୍ରୀ ଯୋଗଦେଇ ଥିଲେ। ଶେଷରେ କବି ସମ୍ମିଳନୀ ଆୟୋଜିତ ହୋଇଥିଲା।

**କୁତ୍ରା (ଦେବାଶିଷ ସାହୁ)**

କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ପାଳନ ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶି କେସନ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମୋ ସ୍କୁଲ ଅଭିଯାନର ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ଅବସରପ୍ରାପ୍ତ ଖେଳ ଶିକ୍ଷକ ସୁରେଶ ଚନ୍ଦ୍ର ଟପ୍ପୋ, ଆଲୁମିନୀ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ।

**ସବ୍‌ଡେଗା (ଅନନ୍ତ ପଟେଲ)**

ସବ୍‌ଡେଗା ନେତାଜୀ କ୍ଲବରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ସଦସ୍ୟ ସୁଶାନ୍ତ ବେହେରା ଦୀପ ପ୍ରଜ୍ୱଳନ କରି ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟଦେଇ ତାଙ୍କ ଜୀବନି କଥା ମନେ ପକାଇଥିଲେ। ଏଥିରେ କ୍ଲବର ଅନ୍ୟ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ। ପରେ ସବ୍‌ଡେଗା ଡାକ୍ତରଖାନା ଯାଇ ରୋଗୀ ଓ ସମସ୍ତ ଡାକ୍ତରଖାନା କର୍ମଚାରୀଙ୍କୁ ଫଳମୂଳ ବଣ୍ଟନ କରିଥିଲେ।

## ୫ ଶହ ଘର ଭୂୟାଁ ସମାଜର ବନ୍ଧୁମିଳନ

**ସୁନ୍ଦରଗଡ, ବଡ଼ଗାଁ, ୨୩।୧ (ଅଶୋକ ଷଡ଼ଙ୍ଗୀ, ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ସଦର ବ୍ଲକ ପୋଡାଜଲଙ୍ଗା ଗ୍ରାମ ନିକଟ ବାଇଗଣବୁଡଠାରେ ୫ଶହ ଘର ଭୂୟାଁ ସମାଜ ବିକାଶ ସଂଘ ତରଫରୁ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସମାଜର ମୁଖ୍ୟ ଉପଦେଷ୍ଟା ଭିଷ୍ମଦେବ କାଲୋ, ସୁନ୍ଦରଗଡ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାକୁ ନେଇ ଗଠିତ ସମାଜର ସଭାପତି ଅମିୟ କୁମାର ପ୍ରଧାନ, ଉପ ସଭାପତି ଠଣ ସୁନ୍ଦର ଚୌଧୁରୀ, ସମ୍ପାଦକ ପ୍ରଦୀପ କାଲୋ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ହେମଗିରି ବ୍ଲକର ପୂର୍ବତନ ଅଧ୍ୟକ୍ଷା ସୁଧାରାଣୀ ରଉତିଆଙ୍କ ସହିତ ବିଭିନ୍ନ ସାନିଗାଦିର ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ବନ୍ଧୁ ମିଳନ ଆସରରେ ସମାଜର ଉନ୍ନତି ପାଇଁ ଓ ବିଭିନ୍ନ ସମସ୍ୟାର ସମାଧାନର ଦୂରୀକରଣ ପାଇଁ ଆଲୋଚନା କରିଥିଲେ। ସମାଜର ଯୁବତୀ ଯୁବକମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମାଜର ସଂସ୍କୃତି, ପରମ୍ପରା ବଜାୟ ରଖି ଦୃଢ଼ ଓ ସଶକ୍ତ ସମାଜ ଗଠନ ଦିଗରେ ମନୋନିବେଶ କରିବାକୁ ସମାଜ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ଉପ ସଭାପତି ଜଗବନ୍ଧୁ ଭୋଇ, ବିକାଶ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ନେହେରୁ ଧମେଲ, ରାଜକୁମାର ପ୍ରଧାନ, ଡମ୍ବରୁ ସା, ବିରଞ୍ଚି ବିଶ୍ୱାଳ, ତପନ କୁମାର ପ୍ରଧାନ, ପୁଷ୍ପକ ପ୍ରଧାନ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ସମାଜର କର୍ମକର୍ତ୍ତା ଓ ଅନ୍ୟମାନେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ପି ଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଚିତ୍ରକଳା ପ୍ରତିଯୋଗିତା

**ସୁନ୍ଦରଗଡ, ୨୩।୧ (ଜୟ ନାରାୟଣ ମେଣ୍ଡୁଲି)**

ପରୀକ୍ଷା ପେ ଚର୍ଚ୍ଚା ଏବଂ ପରାକ୍ରମ ଦିବସ ଉପଲକ୍ଷେ ସୁନ୍ଦରଗଡ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ୧୪ ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ୧୦୦ ଜଣ ପିଲାଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ପିଲାମାନେ ଚନ୍ଦ୍ରୟାନ, ଆଦିତ୍ୟ -୧୧ , ବିକଶିତ ଭାରତ, ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ କ୍ରୀଡ଼ାରେ ଭାରତର ସଫଳତା ବିଷୟରେ ଚିତ୍ରାକଳା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ନିରଞ୍ଜନ ପାତ୍ର, ନରେଶ କୁମାର ନାୟକ ଏବଂ ପ୍ରବୀଣ କୁମାର ମାଝି ଜଜ୍ ଦାୟିତ୍ୱ ତୁଲାଇଥିଲେ। ପ୍ରଚାର୍ଯ୍ୟ ନବନୀତ ଆମଖରେଙ୍କ ମାର୍ଗଦର୍ଶନରେ ଏହି ପ୍ରତିଯୋଗିତାର ସମସ୍ତ ପ୍ରତିଯୋଗୀଙ୍କୁ ପରୀକ୍ଷା ପ୍ରସ୍ତୁତି ସମ୍ବନ୍ଧୀୟ ପୁସ୍ତକ ବଣ୍ଟନ କରାଯାଇଥିଲା। ପାଞ୍ଚଟି ଉତ୍କୃଷ୍ଟ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ସହିତ ପୁସ୍ତକ ପୁରସ୍କାର ଦିଆଯାଇଥିଲା। ପ୍ରତିଯୋଗିତାକୁ ସଫଳ କରିବାରେ ବିଦ୍ୟାଳୟର ଶିକ୍ଷକ ପଙ୍କଜ କୁମାର, ପ୍ରଧାନ ଅଧ୍ୟାପକ ଜୟନ୍ତ କୁମାର କୁଆ, କାର୍ଯ୍ୟ ଶିକ୍ଷକ କୃଷ୍ଣ କୁମାର ବର୍ମା ଏବଂ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ମହାପୁରୁଷଙ୍କ ଜୟନ୍ତୀରେ ସମ୍ବର୍ଦ୍ଧନା ସଭା

**ବ୍ରଜରାଜନଗର, ୨୩।୧ (ବିଜୟ ବରାଡ଼)**

ବ୍ରଜରାଜନଗର ରେସ୍‌କ୍ୟୁ କ୍ଲବ ସଭାଗୃହରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି, ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ର ମୁଖ୍ୟବକ୍ତା ଓ ବ୍ଲକ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଝାରସୁଗୁଡା ଜିଲା ଶିକ୍ଷକ ସଂଘ ଉପଦେଷ୍ଟା ପ୍ରଶାନ୍ତ ପାଢ଼ୀଯୋଶୀଙ୍କ ସଭାପତିତ୍ୱରେ ବ୍ରଜରାଜନଗର ସର୍କଲ ଶିକ୍ଷକ ସଂଘ ସଭାପତି ଚନ୍ଦୁରାମ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଅତିଥିମାନେ ଉଭୟ ମହାପୁରୁଷଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ସ୍ତରରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ୨୦୨୩ରେ ଅବସର ଗ୍ରହଣ କରିଥିବା ୧୫ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଓପିଏମ୍ ବାଳିକା ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରୀ ସହାୟତା ପ୍ରଦାନ କରିଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଲଇକେରା, ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ।


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଯୁବତୀଙ୍କ ଆତ୍ମହତ୍ୟା

**ରିଆମାଳ, ୨୩।୧ (ନିରଞ୍ଜନ ବେହେରା)**

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ଖଇରପାଲି ଗ୍ରାମରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ହେମନ୍ତ ବିଶ୍ୱାଳଙ୍କ ଝିଅ ଲିପ୍‌ସାରାଣୀ ବିଶ୍ୱାଳ (୧୮)। ଲିପ୍‌ସାଙ୍କ ଭାଇ ସୁନୀଲ କୁମାର ବିଶ୍ୱାଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଲିପ୍‌ସା ଘରେ ଥିବା ସମୟରେ ବାପା ପାଠ ପଢ଼ିବା ପାଇଁ ତାଗିଦ କରିଥିଲେ। ଏଥିରେ ସେ ରାଗିଯାଇ ଘର ଛାଡି ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଅପରାହ୍ନ ୩ଟାରେ ନାଳଖଣ୍ଡି ନିକଟ ଏକ ଆମ୍ବଗଛରେ ଲିପ୍‌ସା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା ବୋଲି ସୁନିଲ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଗ୍ରାମୋତ୍ଥାନ ସଂସାଧନ କେନ୍ଦ୍ରରେ କୃଷକ ମେଳା, ଉଦ୍ୟାନ ପ୍ରଦର୍ଶନୀ

**ବଡ଼ଗାଁ, ୨୩।୧ ( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇସ୍ଥିତ ଏକଲ୍ ଗ୍ରାମୋତ୍ଥାନ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର କୃଷକ ମେଳା ଓ ଉଦ୍ୟାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏକଲ ଅଭିଯାନ ଦ୍ୱାରା ପ୍ରଶିକ୍ଷିତ କୃଷକଙ୍କ ଦ୍ୱାରା ଜୈବିକ ଉତ୍ପାଦ ଗୁଡିକୁ କୃଷକମାନେ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକଲ ଅଭିଯାନର କେନ୍ଦ୍ରୀୟ ଅଭିଯାନ ତଥା ଗ୍ରାମୋତ୍ଥାନ ଯୋଜନାର ପ୍ରମୁଖ ଡା. ଲଲନ କୁମାର୍ ଶର୍ମା, ସହ ଯୋଜନା ପ୍ରମୁଖ ଲାଲ ମୋହନ ମହତୋ, ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ର ଜରଙ୍ଗଲୋଇର ସଚିବ ବିକାଶ ରୟ, ଜରଙ୍ଗଲୋଇ ଚେପ୍ଟର ସମିତି ସଚିବ ଅମିତ ଅଗ୍ରୱାଲ, ରାଜ୍ୟ ମୁଖ୍ୟ ଆନନ୍ଦ ଜୈନ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ବ୍ୟବସ୍ଥା ସମିତି କୋଷାଧ୍ୟକ୍ଷ ଚିନ୍ମୟ ପାଣିଗ୍ରାହୀ, ସହ ଯୋଜନା ପ୍ରମୁଖ ଅର୍ଜୁନ ଶର୍ମା, ପଙ୍କଜ ଦାସ, ରଞ୍ଜିତ ମହତୋ ପ୍ରମୁଖ ବିଶିଷ୍ଟ କର୍ମକର୍ତ୍ତା ଯୋଗଦେଇଥିଲେ। ଏକଲ ଗ୍ରାମୋତ୍ଥାନ ଫାଉଣ୍ଡେଶନ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା, କୃଷକଙ୍କ ପାଇଁ କାର୍ଯ୍ୟକାରୀ


ଜଣେ କୃଷକଙ୍କୁ କର୍ମକର୍ତ୍ତାମାନେ ପ୍ରମାଣପତ୍ର ଦେଉଛନ୍ତି।

ହେଉଥିବା ଯୋଜନା ଗୁଡ଼ିକ ଉପରେ ମାର୍ଗଦର୍ଶନ ଦେଇଥିଲେ। ଜୈବିକ କୃଷି, ଉନ୍ନତ ମାନର କୃଷି ପ୍ରଣାଳୀ ଶିକ୍ଷା, ପ୍ରଶିକ୍ଷଣ, ଗୋ ଆଧାରିତ କୃଷି, ଓ କୃଷି ଆଧାରିତ ଉଦ୍ୟୋଗ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତାକୁ ନେଇ ବୁଝାଇଥିଲେ। ଏହି ମେଳାରେ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ କୃଷକ ଅଂଶଗ୍ରହଣ କରି ଚାଷ କରିଥିବା ଫୁଲ, ଫଳ, ପନିପରିବା, ବିଭିନ୍ନ ଶସ୍ୟ ଆଦି ଉତ୍ପାଦକୁ ପ୍ରଦର୍ଶିତ କରିଥିଲେ। ଅଂଶଗ୍ରହଣ କରିଥିବା କୃଷକଙ୍କୁ "ଧରତି ରକ୍ଷକ" ସମ୍ମାନରେ ସମ୍ମାନିତ କରି ପ୍ରମାଣପତ୍ର ଦିଆଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମ୍ୟୁଜିକ ଚେୟାର, ଝୁଟି, ବେଲୁନ ଫୋଡା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ଏକଲ ଅଭିଯାନ କେନ୍ଦ୍ରରେ ସିଲେଇ ଓ କମ୍ପ୍ୟୁଟର ତାଲିମ୍ ପାଇଥିବା ୩୨୦ ଜଣ ଯୁବତୀ ଯୁବକଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଜିଆର୍‌ସି ପରିଚାଳକ କୃତାର୍ଥ ପ୍ରଧାନ, ଲକ୍ଷ୍ମୀ ନାରାୟଣ ଜୟପୁରିଆ, ଅରୁଣ ସାହୁ, ସରୋଜ କୁମାର ପୃଷେଟ, ବିଶିକେଶନ ମହାନନ୍ଦିଆ, ତ୍ରିଲୋଚନ ମହାନନ୍ଦିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହାପୁରୁଷଙ୍କ ଜୟନ୍ତୀରେ ମାଲ୍ୟାର୍ପଣ

**ସମ୍ବଲପୁର, ୨୩।୧ (ବି.ଶଙ୍କର)**

ଝାରସୁଗୁଡ଼ା ଜିଲା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ମୁଖ୍ୟ ଫାଟକଠସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମଙ୍ଗଳବାର ମାଲ୍ୟାର୍ପଣ କରାଯାଇଛି। ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ମାଲ୍ୟାର୍ପଣ କରି ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ନୀତି ଆଦର୍ଶକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ପୂଣ୍ୟ ତିଥି ଅବସରରେ ବିଜେଡି ଜିଲା ସଭାପତି ରବି ସିଂ, ଝାରସୁଗୁଡ଼ା ପୌର ପରିଷଦ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ହରିଶ ଗନତ୍ରା, ରଘୁମଣୀ ପଟେଲ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ି, ମଦନ ହାତୀ, ଚିରଞ୍ଜିବୀ ପତି, ନୀଳାମ୍ବର ଦଣ୍ଡସେନା, ସରିତା ଅଗ୍ରୱାଲ, ରିଙ୍କି କୋର, ଲକ୍ଷ୍ମୀ ଥାପାଙ୍କ ସମେତ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

**ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक–इन–इन्टरव्यू**

भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल-II** पद की भर्ती हेतु **दिनांक 05.02.2024** को **पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **05.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II,** at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: **http://www.cifa.nic.in.** मुख्य जाँचकर्ता / **Principal Investigator**

## ସଂକ୍ଷେପରେ

### ୩ ଦିନ ପରେ ଗାଁରେ ପହଞ୍ଚିଲା ମୃତଦେହ

**ଦାଦନ ଖଟିବାକୁ ଯାଇଥିଲେ ତାମିଲନାଡୁ**



ଡୁଙ୍ଗୁରିପାଲି, ୨୩ା୧ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ କପାଶିରା ଗାଁର ରଘୁ ଛତିଙ୍କ ପୁଅ ନୃପତି (୩୮)ଙ୍କ ତାମିଲନାଡୁର ତ୍ରିପୁରରେ ଗତ ଶନିବାର ରାତିରେ ସ୍ୱାସ୍ଥ୍ୟଗତ କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ ସେଠାରେ ଦୀର୍ଘ ୨୦ ବର୍ଷ ହେବ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ମୃତ୍ୟୁର ତିନି ଦିନ ପରେ ମଙ୍ଗଳବାର ୧୦୮ ଆମ୍ବୁଲାନ୍ସ ଯୋଗେ ନୃପତିଙ୍କ ମରଶରୀର ଗାଁରେ ପହଞ୍ଚି ଥିଲା। ପରିବାରବର୍ଗ ଓ ଗ୍ରାମବାସୀ ଅଙ୍ଗ ନଦୀ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ। ଜିଲାପାଳଙ୍କ ସହାୟତାରେ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ତାଙ୍କ ପରିବାରକୁ ଦିଆଯାଇଛି । ଡୁଙ୍ଗୁରିପାଲି ବିଡ଼ିଓ ରୋହିତ ଭୋଇ କପାସିରା ଗାଁକୁ ଯାଇ ତାଙ୍କ ବାପା ରଘୁଙ୍କୁ ଭେଟି ଏହି ଅର୍ଥ ପ୍ରଦାନ କରିଛନ୍ତି । ଜିଲା ଶ୍ରମ ଅଧିକାରୀ ଡୁଲେଶ୍ୱର ଖାଖା ଶ୍ରମ ବିଭାଗ ତରଫରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାଛଡା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଓ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ ପରିବାର ଲୋକଙ୍କୁ ସାକ୍ଷାତ କରି ଆର୍ଥିକ ସହାୟତା ପ୍ରଦାନ କରିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ଯାଇଛନ୍ତି।

### ରାମଲୀଳା ନାଟ୍ୟ ସଂସଦ ସଭାପତିଙ୍କ ପରଲୋକ

ବାଉଁଶୁଣୀ, ୨୩ା୧ (ଦେବାଶିଷ ନେପାକ)



ବୌଦ୍ଧ ଜିଲା ବାଉଁଶୁଣୀର ଯୁବ ବ୍ୟବସାୟୀ ତଥା ରାମଲୀଳା ନାଟ୍ୟ ସଂସଦ ସଭାପତି, ବଣିକ ସଂଘର ସଦସ୍ୟ ବିଶିକେସନ ମେହେରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ବାଉଁଶୁଣୀ ଛକରେ ହେଉଥିବା ଅଷ୍ଟ ପ୍ରହରୀ ନାମଯଜ୍ଞରେ ସେ ଯୋଗଦେଇଥିଲେ। ସେହିସମୟରେ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ହିଲୁଙ୍ଗରେ ଖୋଲା ଆକାଶ ତଳେ ଧାନକିଣା

ସୋନପୁର, ୨୩ା୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ବର୍ଷା ଓ କୋହଲା ପାଗ ଲାଗି ରହିଛି। ମଙ୍ଗଳବାର ସନ୍ଧ୍ୟାରେ କୋହଲା ପାଗ ଓ ହାଲୁକା ବର୍ଷା ଜିଲାର ଚାଷୀଙ୍କ ଚିନ୍ତା ବଢାଇଛି। ଜିଲାରେ ଧାନ କିଣା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତରଭା ବ୍ଲକର ସିଂହାରୀ, ଶିବତୁଲା, ବଘିଆ, ବୀରମହାରାଜପୁର ବ୍ଲକର ହିଲୁଙ୍ଗ ଓ ଉଲୁଣ୍ଡାର ଯାଲୋଏ ଭଳି ଅଳ୍ପ କିଛି ମଣ୍ଡିରେ ଧାନ କିଣା ଚାଲିଛି। ତେବେ ବୀରମହାରାଜପୁର ବ୍ଲକର ହିଲୁଙ୍ଗରେ ମଣ୍ଡି ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଧାନ କିଣା ବାବଦରେ ଆରଏମ୍‌ସି ଓ ପ୍ୟାକ୍ସ କମିସନ ପାଉଥିବା ବେଳେ ଏଠାରେ ମଣ୍ଡି ଭିତ୍ତିଭୂମିର ଉନ୍ନତି ପ୍ରତି ଧ୍ୟାନ ଦିଆଯାଉନି। ଖୋଲା ଆକାଶ ତଳେ ଧାନ କିଣା ଚାଲିଛି। ଚାଷୀଙ୍କ ପାଇଁ ସର୍ବନିମ୍ନ ସୁବିଧା ନାହିଁ। ଚାଷୀମାନେ ବର୍ଷା ଓ ଶୀତ କାକରରେ ନିଜର କଷ୍ଟ ଉପାର୍ଜିତ ଧାନକୁ ଦିନ ରାତି ଜଗି ରହୁଛନ୍ତି। ହିଲୁଙ୍ଗ ପାକ୍ସରେ ପ୍ରାୟ ୧୫ ହଜାର ବସ୍ତା ଧାନ ଏବେ ବି ଖୋଲା ଆକାଶ ତଳେ ଏକ ପଡିଆରେ ରହିଛି। ଧାନ ବସ୍ତାଗୁଡିକୁ ଚାଷୀ ପଲିଥିନ ଦ୍ୱାରା ଢାଙ୍କି ରଖିଛନ୍ତି। ତେବେ ମଙ୍ଗଳବାର ବର୍ଷାରେ ଧାନ ଓଦା ହୋଇଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ଏହି ପ୍ୟାକ୍ସରେ ୧୨୦୦ରୁ ଉର୍ଦ୍ଧ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ନିକଟରୁ ୫୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ତେବେ ପ୍ୟାକ୍ସର ପ୍ରାକ୍ତନ ସମ୍ପାଦକ ନିଲମ୍ବନ ହେବା ପରେ ଗତ ୫ବର୍ଷ ଧରି ଏହି ପଦବୀ ଖାଲି ପଡିଛି। ଦାୟିତ୍ୱରେ ଥିବା ବ୍ୟକ୍ତି ଏହି କାର୍ଯ୍ୟ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି । ଜଣେ ଅଭିଜ୍ଞ ବ୍ୟକ୍ତିଙ୍କୁ ଏହି ଦାୟିତ୍ୱ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ସେହିଭଳି ପଞ୍ଜୀକୃତ ଚାଷୀଙ୍କ ସମସ୍ତ ଧାନ ଶୀଘ୍ର ଉଠାଇବାକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବୀରମହାରାଜପୁର ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ କୁହନ୍ତି ମଣ୍ଡିର ଭିତ୍ତିଭୂମି ନିର୍ମାଣ କାମ ଯୋଗାଣ ବିଭାଗର ନୁହଁ । ଚାଷୀଙ୍କ ଧାନ ସଂଗ୍ରହ ପାଇଁ ପ୍ୟାକ୍ସକୁ ଆବଶ୍ୟକ ଅନୁଯାୟୀ ଟାର୍ଗେଟ୍ ଦିଆଯାଇଛି। ଦୈନିକ ୭ ରୁ ୮ ଟ୍ରକ୍ ଧାନ ଉଠୁଛି । ଆଉ କମ୍ ଦିନ ଭିତରେ ଧାନ ସଂଗ୍ରହ ସରିବ ବୋଲି ପଟ୍ଟନାୟକ କହିଛନ୍ତି ।



ହିଲୁଙ୍ଗ୍ ମଣ୍ଡିରେ ଖୋଲାଆକାଶ ତଳେ ଏକ ପଡିଆରେ ଧାନ କିଣାଯାଉଛି।

**ବର୍ଷା ଓ କୋହଲା ପାଗକୁ ନେଇ ଚିନ୍ତାରେ ଚାଷୀ**

# ପୁରାତନ ସିଆର୍‌ସିଙ୍କ ଶିଶିର ବିନ୍ଦୁ ବୈଠକ



କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି ଅତିଥି।

ରିଆମାଳ, ୨୩ା୧ (ନିରଞ୍ଜନ ବେହେରା)

ରିଆମାଳ ବ୍ଲକର ପୁରାତନ ସିଆର୍‌ସିମାନଙ୍କ ସାଧନାର ପଥିକ ଗ୍ରୁପଙ୍କ ଦ୍ୱାରା ଶିଶିର ବିନ୍ଦୁ ବୈଠକ ଆଠମଲ୍ଲିକସ୍ଥିତ ମାନଯୋର ଡ୍ୟାମଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କୁମରମଣି ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ପ୍ରସାଦ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଆରତି ପ୍ରଧାନ ଅତିଥି ଭାବରେ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ମଥୁରା ରାଉଳ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ବିପିନ ବିହାରୀ ପୃଷ୍ଟିଙ୍କ ଦ୍ୱାରା ପ୍ରକାଶ କରାଯାଇଥିବା ସାଧନାର ପଥିକ ୨୦୨୪ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ବୈଠକରେ ସାମ୍ପ୍ରତିକ ସମାଜ ଓ ବରିଷ୍ଠ ନାଗରିକଙ୍କ ବିଷୟରେ ଆଲୋଚନା ଚକ୍ର ହୋଇଥିଲା। କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ସାହୁ ପରିଚାଳନା କରିଥିବା ବେଳେ ବଂଶୀଧର ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଦେବଗଡ଼, ୨୩ା୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସହରର ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେ, ମୋ ସ୍କୁଲ ଅଭିଯାନର ସଭାପତି ସିଦ୍ଧାର୍ଥ ଗୁରୁ, ପୁରାତନ ଛାତ୍ର ସଂସଦ ସଦସ୍ୟ ଗୋପବନ୍ଧୁ ପ୍ରଦାନ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷା ତପସ୍ୟା ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ବିଦ୍ୟାଳୟର କ୍ଲବଗୁଡିକ ଦ୍ୱାରା ଆୟୋଜିତ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ ପ୍ରଦର୍ଶନୀକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ଚଳିତ ଶିକ୍ଷାବର୍ଷର ବରିଷ୍ଠ ବିଭାଗରେ ଶ୍ରେଷ୍ଠ ଛାତ୍ର ଭାବେ ଦଶମ ଶ୍ରେଣୀର ଆଦିତ୍ୟ ପ୍ରକାଶ ନାୟକ ଓ କନିଷ୍ଠ ବିଭାଗରେ ଅଷ୍ଟମ ଶ୍ରେଣୀ ଛାତ୍ର ଜୟନ୍ତ ଟାଲିଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା

ରିଆମାଳ, ୨୩ା୧ (ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଖଇରପାଲି ଗ୍ରାମରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ହେମନ୍ତ ବିଶ୍ୱାଳଙ୍କ ଝିଅ ଲିପ୍‌ସାରାଣୀ ବିଶ୍ୱାଳ (୧୮)। ଲିପ୍‌ସାଙ୍କ ଭାଇ ସୁନୀଲ କୁମାର ବିଶ୍ୱାଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଲିପ୍‌ସା ଘରେ ଥିବା ସମୟରେ ବାପା ପାଠ ପଢିବା ପାଇଁ ତାଗିଦ କରିଥିଲେ। ଏଥିରେ ସେ ରାଗିଯାଇ ଘର ଛାଡି ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଅପରାହ୍ନ ୩ଟାରେ ନାଳଖଣ୍ଡି ନିକଟ ଏକ ଆମ୍ବଗଛରେ ଲିପ୍‌ସା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା ବୋଲି ସୁନିଲ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ମସିଣାଗୋରା ଶିଶୁ ମନ୍ଦିରରେ ପିତୃ ସମ୍ମିଳନୀ

ଖୁଣ୍ଟିଗୋରା, ୨୩ା୧ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧିନ ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଦିଗାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ପିତୃ ସମ୍ମିଳନୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜନତା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମଣ ଭୋଇ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ଧିରୋଜ ଭୋଇ, ସଂପାଦକ ଭକ୍ତ ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତାଭାବେ ବୌଦ୍ଧ ଜିଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ଉପସ୍ଥିତ ରହି ଶିଶୁ ଭାଇ ଭଉଣୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମନହିରା ମଞ୍ଚ ପରିଚାଳନା କରିଥିଲେ। ଅଭିଭାବକମାନେ ବିଦ୍ୟାଳୟର ଉନ୍ନତି ଦିଗରେ ବିଭିନ୍ନ ମତାମତ ରଖିଥିଲେ। ଏଥିରେ ଆଚାର୍ଯ୍ୟା ଝରଣା ପ୍ରଧାନ, ସାଏବାନି ପାତ୍ର , ବେଦମତୀ କୁଦେଇ, ମମିତା ରଣା, ଅଙ୍କିତାଶ୍ରୀ ମହାରଣା, ଆଚାର୍ଯ୍ୟ ରୋଶନ ସାହୁ, ସୁଶାନ୍ତ ମାଝି, ଶ୍ରୀକାନ୍ତ କୁଦେଇ, ସେବିକା ସୁରୁସୂତା ଭୋଇ, ବାହନ ଚାଳକ ରାଜକୁମାର ରଣା ତଥା ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ସଂପାଦକ ଭକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପରୀକ୍ଷା ପେ ଚର୍ଚ୍ଚା ଅଧୀନରେ ଚିତ୍ରାଙ୍କନ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ଦେବଗଡ, ୨୩ା୧୧ (ଶଶାଙ୍କ ଶେଖର ଝାଙ୍କର)

ପରାକ୍ରମ ଦିବସ ଅବସରରେ ମଙ୍ଗଳବାର ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟରେ 'ପରୀକ୍ଷା ପେ ଚର୍ଚ୍ଚା' ଅଧୀନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦେବଗଡ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଦିଲୀପ କୁମାର ବେହେରା, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଓ ଜବାହର ନବୋଦୟ ବିଦ୍ୟାଳୟର କଳା ଶିକ୍ଷକ ଅବଦୁଲ ଏକ୍ବାଦିନ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ଜବାହର ନବୋଦୟ ବିଦ୍ୟାଳୟ, ସୁନାମୁଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କଳାମାଟି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦେବଗଡ ଟାଉନ ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ତିଲେଇବଣି ଓଡିଶା ଆଦର୍ଶ ବିଦ୍ୟାଳୟ, ଦେବଗଡ ବାଳିକା ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଦେବଗଡ ଜେଏନଭିର ପିନାୟକ ପ୍ରିୟ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୁମିତ କୁମାର ବେହେରା ଦ୍ୱିତୀୟ, ଜେଏନଭିର ମୋନାଲିସା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅନୁଷ୍କା ଜେନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉମା ପଦ, ଅରବିନ୍ଦ ଦିକ୍ଷିତ ପ୍ରମୁଖ ସହଯୋଗ କରିଥିଲେ।

## ପୁଷ୍‌ପୁନିକୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା ଦାବି

ବଲାଙ୍ଗୀର, ୨୩ା୧ (ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୨୫ ତାରିଖରେ ସାରା କୋଶଲାଞ୍ଚଳରେ ପୁଷପୁନି ତିହାର ପାଳିତ ହେବ। ପୁଷପୁନି ପର୍ବ କୋଶଲାଞ୍ଚଳର ଅନ୍ୟତମ କୃଷିଭିତ୍ତିକ ଗଣପର୍ବ । ତେଣୁ କୋଶଲାଞ୍ଚଳର ଦୁଇ କୋଟି ଅଧିବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହି ଦିନକୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା କରନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଦାବି କରିଛନ୍ତି। ରଜ, ଦୋଳ ଭଳି ଉପକୂଳ ଓଡ଼ିଶାର ପର୍ବପର୍ବାଣୀକୁ ରାଜ୍ୟସ୍ତରୀୟ ଛୁଟି ବୋଲି ଘୋଷଣା କରୁଥିବା ବେଳେ ପୁଷପୁନିରେ ଛୁଟି ଘୋଷଣା କରାଯାଉନାହିଁ। ଏ ନେଇ କୋଶଲାଞ୍ଚଳର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କୋଶଲବାସୀ ଓ କୋଶଲାଞ୍ଚଳର ନିର୍ବାଚିତ ରାଜନେତା ତଥା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ସଙ୍ଗଠନ ସମ୍ମିଳିତ ଭାବେ ଏ ନେଇ ପ୍ରତିକ୍ରିୟା କରନ୍ତୁ ବୋଲି ମିଶ୍ର ଆହ୍ୱାନ କରିଛନ୍ତି।

## ମରଣଯନ୍ତା ପାଲଟିଛି ରାସ୍ତା, ପ୍ରଶାସନ ଦୃଷ୍ଟିଦେବାକୁ ଦାବି



ରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଛି।

ଘଣ୍ଟାପଡ଼ା, ୨୩ା୧ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ମହିବିଲାଠାରୁ ନାରାୟଣପ୍ରସାଦ ପଞ୍ଚାୟତ ଲୁଣ୍ଡୁରୁବାହାଲ ପର୍ଯ୍ୟନ୍ତ ଯାଇଥିବା ୩ କିଲୋମିଟର ବନ ବିଭାଗ ଅଧୀନରେ ଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଫଳରେ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ବର୍ଷା ଦିନେ ଏହି ଅଞ୍ଚଳକୁ ଆମ୍ବୁଲାନ୍ସ ଗାଡି ଯାଇପାରେ ନାହିଁ। ତେଣୁ ବାଧ ହୋଇ ରୋଗୀ ୩ କି.ମି ଖଟିଆରେ ବୁହାହୋଇଥାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ବାଇକ୍‌ରେ ବିଭୁପ୍ରସାଦଙ୍କ ଅଯୋଧ୍ୟା ଯାତ୍ରା



ବିଭୁ ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି ।

ସୋନପୁର, ୨୩ା୧ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସହର ଗଡଭିତର ଅଞ୍ଚଳର ଯୁବକ ବିଭୁ ପ୍ରସାଦ ମହାପାତ୍ର ସୋମବାର ବାଇକ୍‌ରେ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ନେଇ ବିଭୁ ସହରସ୍ଥିତ ରାମେଶ୍ୱର ସଙ୍ଗମରୁ ଏହି ଯାତ୍ରାରେ ବାହାରିଛନ୍ତି । ୭ ରୁ ୮ ଦିନ ମଧ୍ୟରେ ସେ ଅଯୋଧ୍ୟାରେ ପହଞ୍ଚି ରାମଲଲାଙ୍କ ଦର୍ଶନ କରିବା ଆଶା ରଖିଥିବା କହିଛନ୍ତି। ସହର ର ବହୁ ବଶିଷ୍ଟ ବ୍ୟକ୍ତି ଓ ଧାର୍ମିକ ଲୋକ ରାମେଶ୍ୱର ସଙ୍ଗମସ୍ଥଳରେ ପହଞ୍ଚି ବିଭୁଙ୍କୁ ସଫଳ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ଅବକାରୀ କର୍ମଚାରୀ-ଗ୍ରାମବାସୀ ମୁହାଁମୁହିଁ

ବୌଦ୍ଧ, ୨୩ା୧ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ମହାଲିକପଡା ପଞ୍ଚାୟତର ଭାବପୁର ଗ୍ରାମରେ ବେଆଇନ ଦେଶୀ ମଦ ରନ୍ଧା କାରବାର ଖବର ପାଇ ମଙ୍ଗଳବାର ବୌଦ୍ଧ ଅବକାରୀ ଇନିସିପେକ୍ଟର ସାଗରିକା ପ୍ରଧାନ ଓ ଅନ୍ୟ କର୍ମଚାରୀ ଚଢାଉ କରି ୭ ଲିଟର ମହୁଲି ମଦ ଜବତ କରିଥିଲେ। ମଦ ଜବତକୁ ନେଇ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଅବକାରୀ ଗାଡିକୁ ଅଟକାଇବା ସହ କାଠ ଗଣ୍ଡି ରଖି ଗାଡିକୁ ଅଟକ ରଖିଥିଲେ। ବେଆଇନ ମଦ କାରବାରରେ ଗିରଫ ବ୍ୟକ୍ତକୁ ଛାଡିବାକୁ ଅଡି ବସିଥିଲେ। ଏହାକୁ ନେଇ ଅବକାରୀ କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ଅବକାରୀ ଇନିସପେକ୍ଟର ସାଗରିକା ପ୍ରଧାନ ଅଟକେ ରଖିଥିବା ଗ୍ରାମବାସୀଙ୍କ ନାମରେ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ପ୍ରକାଶ ଥାଉକି, ଗତ ଅଗଷ୍ଟ ମାସରେ ମଧ୍ୟ ବେଆଇନ ମଦରନ୍ଧା ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ସେ ସମୟରେ ମଧ୍ୟ ମହିଳାମାନେ ଅବକାରୀ ଗାଡଇକୁ ଅଟକାଇବା ସହ ମଦକୁ ଛଡାଇ ନେଇଥିଲେ।



ଅବକାରୀ ଇନିସପେକ୍ଟର ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତି ତର୍କ ଚାଲିଛି।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩ା୦୧ା୨୦୨୪

ତା୩୧ା୦୧ା୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧ା୦୧ା୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक–इन–इन्टरव्यू**

भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल-II** पद की भर्ती हेतु **दिनांक 05.02.2024** को **पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **05.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II**, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता / Principal Investigator

